# ବିଷପିଇ ପରିବାରର ୩ ମୃତ, ମା' ସହ ବିଷ ପିଇଦେଲେ ଭାଇଭଉଣୀ

ବ୍ରହ୍ମପୁର : ବିଷପିଇ ପରିବାରର ୩ ମୃତ। ମା' ସହ ବିଷ ପିଇଦେଲେ ଭାଇଭଉଣୀ। ଏପରି ଏକ ଅଭାବନୀୟ ଘଟଣା ଘଟିଛି ଗଞ୍ଜାମ ଥାନା ପାଳିବନ୍ଧ ପଞ୍ଚାୟତ ପାଳିବନ୍ଧ ଗ୍ରାମରେ। ଯେଉଁଠି ଗୋଟିଏ ପରିବାରର ମା ଓ ପୁଅ-ଝିଅ ବିଷ ପାନ କରି ମୃତ୍ୟ ବରଣ କରିଥିବା ଜଣାପଡିଛି। ମୃତ ବ୍ୟକ୍ତି ମାନେ ହେଲା ମା ଏସ.ମାମକ୍ଷରେଡି (୪୧) ପୁଅ ରାକେଶ ରେଡ୍ଡୀ(୨୨) ଏବଂ ଝିଅ ଏସ.ମିନା ରେଡ୍ଡୀ (୧୭) । ମୃତ୍ୟର କାରଣ ସ୍ୱଷ୍ଟ ହୋଇନଥିବା ବେଳେ ପାରିବାରିକ କାରଣକୁ ନେଇ ଏପରି ଘଟିଥିବା ଚର୍ଚ୍ଚା ହେଉଛି। ମିଳିଥିବା ସୂଚନା ଅନୁଯାଇ ଗତକାଲି ପାଳିବନ୍ଧରେ ଠାକୁରାଣୀ ଯାତ୍ରା ପାଇଁ ଆଲୋଚନା ଚାଲିଥିବା ବେଳେ ଉକ୍ତ ପରିବାର କାହାର ଦେଖା ନଥିଲା । ଫଳରେ ଗାଁ ର କିଛି ବ୍ୟକ୍ତି ଘରକୁ ଯାଇ ଦେଖିଲା ପରେ ତିନିଜଣ ଘରେ ଅଚେତ ପଡ଼ିଥିଲେ ସଙ୍ଗେ ସଙ୍ଗେ ତାଙ୍କୁ ପ୍ରଥମେ ଛତ୍ରପୁର ମେଡିକାଲ ପରେ ବ୍ରହ୍ମପୁର ଏମକେସିଜି ମେଡିକାଲ ନିଆଯାଇଥିଲା ସେଠାରେ ଡାକ୍ତର ଜଣେ ପରେ ଜଣକୁ ମୃତ୍ୟ ଘୋଷଣା କରିଥିଲେ। ଗତଦୁଇବର୍ଷ ପୂର୍ବରୁ ଏସ.ମାମକ୍ଷରେଡିଙ୍କ ସ୍ୱାମୀ ରବୀନ୍ଦ୍ରଙ୍କ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଥିବା ବେଳେ ଏବେ ପରିବାର ଏପରି ନିଷ୍ପତ୍ତି କଣ ପାଇଁ ନେଲେ ତାହାର କାରଣ ଏବେ ବି ଅସ୍ୱଷ୍ଟ ରହିଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# କଂଗ୍ରେସ ଫୋକସରେ ବିହାର: ବିଧାନସଭା ନିର୍ବାଚନ ପୂର୍ବରୁ ଡେରା ପକାଇଲେଣି ରାହୁଲ



ପାଟଣା: କଂଗ୍ରେସ ଫୋକସରେ ବିହାର । ଚଳିତ ବର୍ଷ ଶେଷ ଆଡକୁ ବିହାର ବିଧାନସଭା ନିର୍ବାଚନ ଥିବାରୁ ବର୍ଷ ଆରମ୍ଭରୁ ହିଁ ବିହାର ଉପରେ ଗୁରୁତ୍ୱ ଦେବା ଆରମ୍ଭ କଲାଣି କଂଗ୍ରେସ। ଆଉ ଏବେ ଠାରୁ ପ୍ରସ୍ତୁତ କଲାଣି ରଣନୀତି । କଂଗ୍ରେସ ଫୋକସରେ ବିହାର ଥିବାରୁ ଖୋଦ୍ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବିହାରକୁ ବାରମ୍ବାର ଗସ୍ତ କରି ରାଜନୀତିର ପାଣିପାଗକୁ କଂଗ୍ରେସ ସପକ୍ଷରେ ଆଣିବାକୁ ଚେଷ୍ଟା କରୁଛନ୍ତି । ଏଇ ପରିପ୍ରେକ୍ଷୀରେ ଆଜି ବିହାର ଗସ୍ତରେ ଯାଇ ପାଟଣାରେ ପହଞ୍ଚିଛନ୍ତି ରାହୁଲ ଗାନ୍ଧୀ । ଯେଉଁଠି ସେ କହ୍ନେୟା କୁମାରଙ୍କ ଦ୍ୱାରା ଆୟୋଜିତ 'ପଳାୟନ ବନ୍ଦକର, ଚାକିରି ଦିଅ' ପଦଯାତ୍ରାରେ ସାମିଲ ହୋଇଛନ୍ତି । ବେଗୁସରାଇରେ ହେଉଥିବା ଏହି ସମାବେଶରେ ଯୋଗଦେଇ କହ୍ନେୟା କୁମାରଙ୍କ ସହ ୩ କିଲୋମିଟର ପଦଯାତ୍ରା କରିବେ ରାହୁଲ । ଏବଂ ପରେ ସାଧାରଣ ଲୋକଙ୍କ ସହ କଥା ହୋଇ ସେମାନଙ୍କ ସମସ୍ୟା ବୁଝିବାର କାର୍ଯ୍ୟକ୍ରମ ରହିଛି । ତେବେ କହ୍ନେୟା କୁମାରଙ୍କ ଏହି ପଦଯାତ୍ରା ରାହୁଲ ଗାନ୍ଧୀ ସାମିଲ ହେଉଥିବାରୁ ଉତ୍ସାହିତ ଅଛନ୍ତି ସ୍ଥାନୀୟ ନେତା ଓ ଲୋକେ । ରାହୁଲଙ୍କ ସହ ସମୟ ବିତାଇବାକୁ ସମସ୍ତେ ପ୍ରସ୍ତୁତ ଥିବାବେଳେ କଂଗ୍ରେସ ପାଇଁ ଏହି ଗସ୍ତ ଫାଇଦା ଦେଇପାରେ । କାରଣ ଗତ ୪ ମାସରେ ୩ ଥର ବିହାର ଗସ୍ତ କରିସାରିଲେଣି ରାହୁଲ ।

# ୨୨ ଓ ୨୩ ତାରିଖରେ 'ସୁଭଦ୍ରା ଯୋଜନାର ଟଙ୍କା ଦିଆଯିବ



ଭୁବନେଶ୍ୱର: ଚଳିତ ୨୨ ଓ ୨୩ ତାରିଖରେ ଯୋଗ୍ୟ ହିତାଧିକାରୀଙ୍କୁ 'ସୁଭଦ୍ରା ଯୋଜନାର ଟଙ୍କା ଦିଆଯିବ। ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏପ୍ରିଲ ୨୨ ଓ ୨୩ ତାରିଖରେ ମିଳିବ ସୁଭଦ୍ରା ଟଙ୍କା । ସର୍ଭେ ପରେ ଯୋଗ୍ୟ ହିତାଧିକାରୀଙ୍କୁ ଟଙ୍କା ମିଳିବ। ସୁଭଦ୍ରା ଯୋଜନାରୁ ବାଦ ପଡ଼ିଛନ୍ତି ୧ ଲକ୍ଷ ୭୦ ହଜାର ହିତାଧିକାରୀଙ୍କ ଆକାଉଣ୍ଟକୁ ଆସିବ ଟଙ୍କା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏପ୍ରିଲ ୨୨ ଓ ୨୩ ତାରିଖରେ ମିଳିବ ସୁଭଦ୍ରା ଟଙ୍କା । ସର୍ଭେ ପରେ ଯୋଗ୍ୟ ହିତାଧିକାରୀଙ୍କୁ ଟଙ୍କା ମିଳିବ। ସୁଭଦ୍ରା ଯୋଜନାରୁ ବାଦ ପଡ଼ିଛନ୍ତି ୧ ଲକ୍ଷ ୭୦ ହଜାର ହିତାଧିକାରୀଙ୍କ ଆକାଉଣ୍ଟକୁ ଆସିବ ଟଙ୍କା। ସୂଚନାଯୋଗ୍ୟ, ସୁଭଦ୍ରା ଯୋଜନାରେ ୧ କୋଟି ୬୫ ହଜାର ୮୭୭ ମହିଳା ପ୍ରଥମ କିସ୍ତି ପାଇଛନ୍ତି। ସେହିଭଳି ଦ୍ୱିତୀୟ କିସ୍ତି ପାଇଛନ୍ତି ୯୮ ଲକ୍ଷ ୮୨ ହଜାର ୯୨ ଜଣ ମହିଳା। ପ୍ରଥମ କିସ୍ତିରେ ସରକାର ୫ ହଜାର ୩୨ କୋଟି ୯୩ ଲକ୍ଷ ୮୫ ହଜାର ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ପଠାଇଛନ୍ତି । ଦ୍ୱିତୀୟ କିସ୍ତିରେ ୪ ହଜାର ୯୪୧ କୋଟି ୪ ଲକ୍ଷ ୬୦ ହଜାର ଟଙ୍କା ପଠାଯାଇଛି।

# ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଲଘୁଚାପ ସମ୍ଭାବନା

ଭୁବନେଶ୍ୱର: ଦକ୍ଷିଣପୂର୍ବ ବଙ୍ଗୋପସାଗର ଓ ପାଶ୍ୱର୍ବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଦକ୍ଷିଣ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ତେବେ ଏହି ଲଘୁଚାପ ଓଡ଼ିଶା ଉପରେ କେତେ ପ୍ରଭାବ ପକାଇବ ତାହା ଏଯାଏ ଆକଳନ ହୋଇନାହିଁ। ସମ୍ପ୍ରତି ଦୁଇ ତିନି ଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇଛି। ରବିବାର ରାଜ୍ୟର ୯ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି। ୪୨ ଡିଗ୍ରୀ ସହ ବୌଦ୍ଧ ରାଜ୍ୟର ଉତ୍ତପ୍ତ ସହର ପାଲଟିଥିବା ବେଳେ ଟିଟିଲାଗଡ଼, ଝାରସୁଗୁଡ଼ା, ଅନୁଗୁଳ ଓ ହୀରାକୁଦରେ ତାପମାତ୍ରା ୪୧ ଡିଗ୍ରୀ ଲେଖାଏ ରେକର୍ଡ କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଏହି ସ୍ଥିତି ବର୍ତ୍ତମାନ ଜାରି ରହିବ। ତେବେ ୮ ତାରିଖରୁ ରାଜ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷାର ପ୍ରଭାବ ବଢ଼ିଲେ ତାତି ହ୍ରାସ ପାଇବ। ୮ରେ ସୁନ୍ଦରଗଡ଼, ଦେବଗଡ଼, ଅନୁଗୁଳ, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ, ବାଲେଶ୍ୱର, ଗଜପତି, ଗଞ୍ଜାମ, କନ୍ଧମାଳ, ରାୟଗଡ଼ା ଓ କୋରାପୁଟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ମଧ୍ୟ ବଢ଼ି ୩୦-୪୦ କିମି ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ଓଡ଼ିଶାର ପ୍ରଥମ ଦୈନିକ ମଧ୍ୟାହ୍ନ ଖବରକାଗଜ
RNI NO - ORIORI/2006/19548
Visit us at : www.amarajdhani.com
ଆମ ରାଜଧାନୀ
Rs.4.00
Odisha's First Mid-Day Daily
ବର୍ଷ: ୧୯, ସଂଖ୍ୟା-୩୧, ଭୁବନେଶ୍ୱର, ୭.୪.୨୦୨୫, ସୋମବାର Vol- XIX, Issue-31 Bhubaneswar, Dt 7.4.2025, Monday

## ଭାରତୀୟ ସେୟାର ବଜାର ପାଇଁ କଳା ସୋମବାର

# ୧୦ ସେକେଣ୍ଡରେ ୧୯ ଲକ୍ଷ କୋଟି ସ୍ୱାହା

ମୁମ୍ବାଇ : ଯାହା ଭୟ ଥିଲା, ତାହା ଘଟିଲା। ଏପ୍ରିଲ ୭ ତାରିଖରେ, ଷ୍ଟକ୍ ବଜାର ସେହି ବିପର୍ଯ୍ୟୟର ସମ୍ମୁଖୀନ ହେଲା ଯାହା ପୂର୍ବରୁ ଆଶା କରାଯାଉଥିଲା। ସୋମବାର, ଏପ୍ରିଲ ୭ ତାରିଖରେ, ସେନସେକ୍ସ ବର୍ଷର ସବୁଠାରୁ ବଡ଼ ହ୍ରାସ ଦେଖିଲା। ବଜାର ଖୋଲିବା ପୂର୍ବରୁ ସେନସେକ୍ସ ୪୦୦୦ ପଏଣ୍ଟ ହ୍ରାସ ପାଇଥିବା ବେଳେ ଆଜି କାରବାର ଆରମ୍ଭ ସମୟରେ ଏହା ୩ ହଜାର ପଏଣ୍ଟ ହ୍ରାସ ପାଇଥିଲା। ବିଏସ୍ଇ ଏବଂ ଏସ୍ଇ ସେନ୍‌ସେକ୍ସ ୨୫୬୪.୭୪ ପଏଣ୍ଟରୁ ଅଧିକ ହ୍ରାସ ପାଇ ୭୨,୭୯୯.୯୫ରେ ପହଞ୍ଚିଥିବା ବେଳେ ଏନ୍‌ଏସ୍ଇ ନିଫ୍‌ଟି ୫୦ ସକାଳ ୯.୨୪ ସୁଦ୍ଧା ୮୩୧.୯୫ ପଏଣ୍ଟକୁ ଖସି ୨୨,୦୭୨.୫୦ରେ ପହଞ୍ଚିଛି। ସେନସେକ୍ସରେ ଏହି ହ୍ରାସ ସହିତ, ନିବେଶକମାନେ ମାତ୍ର ୧୦ ସେକେଣ୍ଡରେ ୧୯ ଲକ୍ଷ କୋଟି ଟଙ୍କା ହରାଇଛନ୍ତି। ଏବେ ପ୍ରଶ୍ନ ଉଠେ, ଏହି ହ୍ରାସ କାହିଁକି ଘଟିଲା? ହ୍ରାସର ପ୍ରଭାବ କ'ଣ ହେବ? ଏହି ହ୍ରାସ କେତେ ଦିନ ରହିବ? ଷ୍ଟକ୍ ବଜାରରେ ଏହି ବିପର୍ଯ୍ୟୟ ପଛରେ ସବୁଠାରୁ ବଡ଼ କାରଣ ହେଉଛି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ । ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଘୋଷଣା ସାରା ବିଶ୍ୱର ବଜାରରେ ଆତଙ୍କ



ସୃଷ୍ଟି କରିଛି। ଟ୍ରମ୍ପଙ୍କ ଶୁଳ୍କ ଯୋଗୁଁ, ଏବେ ମାନ୍ଦାବସ୍ଥାର ଆଶଙ୍କା ଦେଖାଦେଇଛି। ଟ୍ରମ୍ପଙ୍କ ନୂତନ ଟାରିଫ୍ ଆଶାଠାରୁ ଅଧିକ ରହିଛି, ଯେଉଁଥି ପାଇଁ ମୁଦ୍ରାସ୍ଫୀତି ଏବଂ ବିକାଶ ଉଭୟ ପ୍ରତିକୂଳ ପ୍ରଭାବିତ ହେବାକୁ ଯାଉଛି। ଏହା ମୁଦ୍ରାସ୍ଫୀତି ଏବଂ ବେକାରୀ ବୃଦ୍ଧି କରିବ। ଏହି ଭୟ ଯୋଗୁଁ, ସାରା ବିଶ୍ୱରେ ସେୟାର ବଜାରରେ ଏକ ବଡ଼ ହ୍ରାସ ଘଟିଛି। ଟ୍ରମ୍ପଙ୍କ ନୂତନ ଶୁଳ୍କ ଘୋଷଣା ପରେ, ଚୀନ୍ ଏବଂ କାନାଡା ମଧ୍ୟ ଶୁଳ୍କ ଘୋଷଣା କରିଛନ୍ତି। ଚୀନ୍ ଆମେରିକାର ଆମଦାନୀ ଉପରେ ଶୁଳ୍କ ୩୪ ପ୍ରତିଶତକୁ ବୃଦ୍ଧି କରିଛି। ଶୁଳ୍କ ଏବଂ ପ୍ରତିଶୁଳ୍କର ଏହି ଦୌଡ଼ ବିଶ୍ୱ ବାଣିଜ୍ୟ ଯୁଦ୍ଧର ଭୟକୁ ବଢ଼ାଇ ଦେଇଛି। ନିବେଶକମାନେ ଏହାକୁ ନେଇ ଚିନ୍ତିତ। ଏହି ଅନିଶ୍ଚିତତା ଦୀର୍ଘ ସମୟ ପର୍ଯ୍ୟନ୍ତ ରହିପାରେ ବୋଲି ଆଶଙ୍କା ରହିଛି, ଯାହା ବିଶ୍ୱ ଅଭିବୃଦ୍ଧିକୁ ପ୍ରଭାବିତ କରିବ। ଚୀନ୍-ଆମେରିକା ବାଣିଜ୍ୟ ଯୁଦ୍ଧ ଏବଂ ଚୀନ୍ ମଧ୍ୟରେ ବୃଦ୍ଧି ପାଉଥିବା ବାଣିଜ୍ୟ ଉତ୍ତେଜନା ଯୋଗୁଁ ବିଶ୍ୱ ବଜାରରେ ଉତ୍ତେଜନାର ପରିସ୍ଥିତି ସୃଷ୍ଟି ହୋଇଛି, ଯାହାର ପ୍ରଭାବ ବଜାର ଉପରେ ଦେଖାଯାଉଛି । ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଘୋଷଣା ପରେ, ଆମେରିକୀୟ ମୁଦ୍ରା ଡଲାର ମଧ୍ୟ ଦୁର୍ବଳ ହେବାରେ ଲାଗିଛି। ଡଲାର ଇଣ୍ଡେକ୍ସ ୦.୪ ପ୍ରତିଶତ ହ୍ରାସ ପାଇ ୧୦୨.୪୮ରେ ପହଞ୍ଚିଛି। ଡଲାର ୟେନ୍ ତୁଳନାରେ ୧.୩ ପ୍ରତିଶତ ହ୍ରାସ ପାଇ ୬ ମାସର ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଯାହାର ପ୍ରଭାବ ସେୟାର ବଜାର ଉପରେ ପଡ଼ିଛି। ଏହା ବ୍ୟତୀତ, ଆମେରିକାରେ ମାନ୍ଦାବସ୍ଥାର ଭୟ ଯୋଗୁଁ ଟ୍ରେଜେରୀ ବଣ୍ଡର ଲାଭ ହ୍ରାସ ପାଇଛି। ଟ୍ରମ୍ପଙ୍କ ଶୁଳ୍କ ଘୋଷଣା ପରେ, ବିଶ୍ୱ ମାନ୍ଦାବସ୍ଥାର ଭୟ ରହିଛି। ବିଶ୍ୱ ମାନ୍ଦାବସ୍ଥାର ଭୟ ଯୋଗୁଁ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଉଛି। ବ୍ରେଣ୍ଟ ଅଶୋଧିତ ତୈଳ ୩.୧୬ ପ୍ରତିଶତ ହ୍ରାସ ପାଇ ୬୩.୫୧ ଡଲାର ପ୍ରତି ବ୍ୟାରେଲକୁ ପହଞ୍ଚିଛି, ଯେତେବେଳେ ଡବ୍ଲ୍ୟୁଟିଓ ଅଶୋଧିତ ତୈଳ ୫୯.୮୫ ଡଲାରରେ ପହଞ୍ଚିଛି। ବିଶ୍ୱ ବଜାରରେ ଶୁଳ୍କକୁ ନେଇ ବଢୁଥିବା ଉତ୍ତେଜନା ଏବଂ ମାନ୍ଦାବସ୍ଥାର ଭୟ ଯୋଗୁଁ ଭାରତୀୟ ବଜାର ମଧ୍ୟ ଖରାପ ଭାବରେ କ୍ଷତିଗ୍ରସ୍ତ ହେଉଛି।

# ନବୀନ ପଟ୍ଟନାୟକ ସାମ୍ନାକୁ ଆସନ୍ତୁ, ସ୍ପଷ୍ଟୀକରଣ ଦିଅନ୍ତୁ: ପ୍ରଫୁଲ୍ଲ ଘଡ଼େଇ

# ନବୀନ ବାବୁ 'ଚୁପ୍ ସଇତାନ': ସୌମ୍ୟରଞ୍ଜନ ପଟ୍ଟନାୟକ

ଭୁବନେଶ୍ୱର: ରାଜ୍ୟସଭାରେ ୱକଫ୍ ବିଲ୍ ସମର୍ଥନରେ ବିଜେଡିର କେତେକ ସାଂସଦ ଭୋଟ୍ ଦେବା ପରେ ଏହାକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଉଛି। ଜଣକ ପରେ ଜଣେ ବିଜେଡି ନେତା ମୁଁ ଖୋଲି ବିସ୍ଫୋରକ ବୟାନ ଦେଉଛନ୍ତି। ଆଜି ଏନେଇ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ ସିଧାସଳଖ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟସଭାରେ ୱକଫ୍ ବିଲ୍ ସମର୍ଥନରେ ବିଜେଡିର ନିଷ୍ପତ୍ତି କାହିଁକି ବଦଳିଲା, ଏନେଇ ନବୀନ ପଟ୍ଟନାୟକ ମୁହଁ ଖୋଲନ୍ତୁ। ଅଧିକ ଦ୍ୱନ୍ଦ୍ୱ ନ ବଢାଇ ସ୍ପଷ୍ଟୀକରଣ ଦିଅନ୍ତୁ। ନବୀନ ପଟ୍ଟନାୟକ ସବୁ କଥା ଜାଣିଛନ୍ତି। ସସ୍ମିତ ପାତ୍ର କାହିଁକି ଏଭଳି କଲେ, ତାହା ନବୀନ କହିପାରିବେ। ଏଣୁ ନବୀନ ଦଳ ଲୋକଙ୍କୁ ଓ ରାଜ୍ୟବାସୀଙ୍କୁ ଜଣାଇବା ଉଚିତ। କେଉଁ ପରିପ୍ରେକ୍ଷୀରେ ନିଷ୍ପତ୍ତି ବଦଳିଲା ବିଜେଡିକୁ ନେଇ ଅବିଶ୍ୱାସର ବାତାବରଣ ସୃଷ୍ଟି ହୋଇଛି। ବିଜେଡିରେ ଏକ ବିଚିତ୍ର ସ୍ଥିତି ଉପୁଜିଛି। ପ୍ରକୃତ ଚିତ୍ର କଣ ତାହା ସ୍ପଷ୍ଟ ହେବା ଦରକାର। ପୂର୍ବରୁ ବଦ୍ରି ପାତ୍ର, ପ୍ରଭାତ ତ୍ରିପାଠୀ, ଦେବାଶିଷ ସାମନ୍ତରାୟ,ପ୍ରସନ୍ନ ଆଚାର୍ଯ୍ୟ ଓ ଗଣେଶ୍ୱର ବେହେରାଙ୍କ ଭଳି ବରିଷ୍ଠ ନେତାମାନେ ବିସ୍ଫୋରକ ବୟାନ ଦେଇସାରିଛନ୍ତି। ପୂର୍ବତନ ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ କହିଛନ୍ତି ଯେ କିଛି ଦିନ ହେଲା ଓଡ଼ିଶା ରାଜନୀତିରେ ଯାହା ସବୁ ଘଟୁଛି ତାହା ଦେଖି ଅମୋଦିତ ହେବା ଛଡ଼ା





ଅନ୍ୟ ଗତି ନାହିଁ। ବିଶେଷକରି ନବୀନବାବୁଙ୍କ ଆଚରଣ ଓ ଉଚ୍ଚାରଣ ଆମକୁ ଅଧିକ ବ୍ୟଥିତ ଓ ବିବ୍ରତ କରୁଛି। ନବୀନବାବୁ ବେଶୀ କଥା କହନ୍ତି ନାହିଁ। ତେବେ ଯେତେବେଳେ ତାଙ୍କୁ ରାଜନୈତିକ ସହକର୍ମୀମାନେ ଧୋକା ଦିଅନ୍ତି, ସେ କ୍ଷୁବ୍ଧ ହୋଇ ଯେଉଁ ଭାଷା ବ୍ୟବହାର କରନ୍ତି ତାହା ହେଲା 'ବେଇମାନ୍'। ଆଜି 'ୱକଫ୍ ବିଲ୍' ପ୍ରସଙ୍ଗରେ ବିଜେପିକୁ ସମର୍ଥନ ଦେବା ନ ଦେବା ନେଇ ତାଙ୍କ ଦଳର ନେତାମାନଙ୍କର ଆଚରଣ ଓ ଉଚ୍ଚାରଣରୁ ଆମେ କ'ଣ ବୁଝିବା ନବୀନବାବୁଙ୍କୁ ଆମେ କେଉଁ ଭାଷାରେ ବର୍ଣ୍ଣନା କରିବା? ମୋତେ ଲାଗେ, 'ଚୁପ୍ ସଇତାନ' ଛଡ଼ା ଆଉ ଭଲ ଶବ୍ଦ ମିଳିବ ନାହିଁ। ଦିନ ଥିଲା, ନବୀନବାବୁଙ୍କୁ ଓଡ଼ିଆମାନଙ୍କର 'ହୃଦୟ ସମ୍ରାଟ' ବୋଲି ତାଙ୍କର ତୋଷାମଦକାରୀମାନେ କହି ବୁଲୁଥିଲେ। ନବୀନବାବୁ ଏହାକୁ ନେଇ କ'ଣ ଭାବୁଥିଲେ ଜଣା ନାହିଁ। କିନ୍ତୁ ନିଶ୍ଚୟ ଉପଭୋଗ କରୁଥିବେ। ପିତାଙ୍କ ନାମରେ ଗଢ଼ିଥିବା 'ବିଜୁ ଜନତା ଦଳ, ଓଡ଼ିଶାବାସୀଙ୍କ ବଳ' ବୋଲି ସମସ୍ତେ କହୁଥିଲେ। ଆଜି କ'ଣ ହୋଇଛି ଯେ ଏତେ କଥା ଘଟି ଯାଉଛି, ଅଥଚ ସମ୍ରାଟ୍ ଚୁପ୍ ବସିଛନ୍ତି! ବିଜୁ ଜନତା ଦଳର ବଳ କେଉଁଠି ହଜିଗଲା ଯେ ସେ ଏକ ସ୍ଥିର ନିଷ୍ପତ୍ତି ନେଇ ପାରୁନାହାନ୍ତି? ଗୋଟିଏ ଦିନରେ ତିନି ଥର ଏ ପ୍ରସଙ୍ଗରେ ସେ ଭିନ୍ନ ଭିନ୍ନ ନିଷ୍ପତ୍ତି ନେଇଛନ୍ତି; ପୁଣି ଶେଷରେ ବିବେକ କଥା କହିଛନ୍ତି! ଦଳର ବିବେକ କ'ଣ, ତାହା ସ୍ପଷ୍ଟ ଜଣାପଡୁନାହିଁ। ବିଭିନ୍ନ ଆଡୁ ଟଣାଓଟରା ହୋଇ, ବିବେକ ଦଂଶନ ଭୋଗିବା ଛଡ଼ା ଅନ୍ୟ ବାଟ ନାହିଁ। ଇଂରାଜୀରେ କଥା ଅଛି 'ବେଟର ଲେଟ୍ ଦ୍ୟାନ୍ ନେଭର୍'। ଏବେବି ସମୟ ଅଛି, ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନକୁ ଅଗ୍ରାଧିକାର ଦେଇ ଏକ ଆଞ୍ଚଳିକ ଦଳ ଗଢ଼ିଥିବା ବନ୍ଧୁମାନେ ଓଡ଼ିଶାବାସୀଙ୍କୁ ଆଉ ଧୋକା ନ ଦିଅନ୍ତୁ। ମଣିଷ ମାତ୍ରେ ଭୁଲ୍ କରେ। ଭୁଲ୍ ?କୁ ସ୍ୱୀକାର କରି ଆଗେଇଯିବା ସୁପୁରୁଷର ଲକ୍ଷଣ। କିନ୍ତୁ ଭୁଲ୍ ?କୁ ଜାଣିଶୁଣି ଠିକ୍ ବୋଲି ପ୍ରମାଣିତ କରିବା ପାଇଁ ବାହାସ୍ଫୋଟ ମାରୁଥିବା ନେତାମାନେ ଜାଣିବା ଦରକାର ଯେ ଏହା କାପୁରୁଷର ଲକ୍ଷଣ। ଆଜି ନହେଲେ ବି କାଲି, ଈଶ୍ୱର ଏଥିପାଇଁ ଉଚିତ ନ୍ୟାୟ କରିବେ।

CMYK

ଆମ ରାଜଧାନୀ

## ସମ୍ପାଦକୀୟ...

# ଟ୍ରମ୍ପଙ୍କ ପାଗଳାମୀ ନା ସୁଚିନ୍ତିତ ଯୋଜନା

ଆମେରିକାର ରାଷ୍ଟ୍ରପତି ଆସନରେ ଦ୍ୱିତୀୟ ଥର ପାଇଁ ଡୋନାଲ୍ଡ ଟ୍ରମ୍ପ ଗାଦିସୀନ ହେବା ପରଠାରୁ ଏପରି କିଛି ନିଷ୍ପତି ନେଉଛନ୍ତି ଯାହାର ପ୍ରଭାବ ସାରା ବିଶ୍ୱବାଣିଜ୍ୟ ଓ ଅର୍ଥନୀତି ଉପରେ ସୁଦୂର ପ୍ରସାରୀ ହେବ ବୋଲି ସ୍ପଷ୍ଟ ହୋଇଗଲାଣି। ନିର୍ବାଚନ ସମୟରେ ତାଙ୍କର ମୁଖ୍ୟ ସ୍ଲୋଗାନ ଥିଲା ପୁଣି ଥରେ ଆମେରିକାକୁ ବିଶ୍ୱର ବଡ଼ ରାଷ୍ଟ୍ର ଭାବରେ ପ୍ରତିପାଦିତ କରିବା। ଆମେରିକା ଅର୍ଥନୀତି, ସାମରିକ ଶକ୍ତି, କାରିଗରୀ ଜ୍ଞାନ ଓ ବିଜ୍ଞାନରେ ଏବେ ବି ବିଶ୍ୱର ଏକ ନମ୍ବର ସ୍ଥାନରେ ଅଛି। ତଥାପି ଟ୍ରମ୍ପଙ୍କ ସ୍ଲୋଗାନ ପଛରେ ଅସଲ ଉଦ୍ଦେଶ୍ୟ ଥିଲା ସାରା ବିଶ୍ୱ ଆମେରିକାର ସ୍ୱାର୍ଥ ପାଇଁ ବା ଆମେରିକା ଇଙ୍ଗିତରେ ସେମାନଙ୍କର ଅର୍ଥନୀତି ଓ ବାଣିଜ୍ୟ ପରିଚାଳନା କରନ୍ତୁ। ସାରା ବିଶ୍ୱରେ ଆର୍ଥିକ ଓ ବାଣିଜ୍ୟିକ ବ୍ୟବସ୍ଥାକୁ ଗଢ଼ିବାରେ ଯେଉଁ ଆମେରିକା ଅତୀତରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ଓ ଯାହା ଫଳରେ ବିଶ୍ୱ ବ୍ୟାଙ୍କ ଓ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଭଳି ଆର୍ଥିକ ସଂସ୍ଥା ସୃଷ୍ଟିହେବା ଛଡ଼ା ବିଶ୍ୱ ବାଣିଜ୍ୟର ରୂପରେଖ ପ୍ରସ୍ତୁତ ହୋଇଥିଲା ତାହାକୁ ପୂରାପୂରି ଭାବରେ ବଦଳାଇ ଦେବା ପାଇଁ ଟ୍ରମ୍ପ ଏବେ ଚେଷ୍ଟା କରୁଛନ୍ତି। କୁହାଯାଉଛି ଯେ, ବିଶ୍ୱ ବାଣିଜ୍ୟର ସୁଯୋଗ ସହିତ ଆମେରିକାର କୋହଳ ନୀତି ଯୋଗୁ ଚୀନ୍ ବିଶ୍ୱରେ ଏକ ବୃହତ୍ ଆର୍ଥିକ ଶକ୍ତି ଓ ବାଣିଜ୍ୟିକ ବ୍ୟବସ୍ଥାରେ ଆବିର୍ଭାବ ହୋଇଛି। ଚୀନରେ ଏହି ବର୍ଦ୍ଧିତ ଶକ୍ତିକୁ ରୋକିବା ସହିତ ଆମେରିକାର ପ୍ରାଧାନ୍ୟ ସବୁ କ୍ଷେତ୍ରରେ ସାବ୍ୟସ୍ତ ପାଇଁ ବିନା ସାମରିକ ଯୁଦ୍ଧରେ ବାଣିଜ୍ୟ କ୍ଷେତ୍ରରେ ସେ ଏପରି ଏକ ଅଭିଯାନ ଆରମ୍ଭ କରିଛନ୍ତି ଯେଉଁଥିରେ ସାରା ବିଶ୍ୱର ଅର୍ଥନୀତି ଓ ବାଣିଜ୍ୟ ଏପଟସେପଟ ହୋଇଯିବ। ଯେଉଁ ଦେଶ ଯେପରି ଭାବରେ ଆମେରିକାର ଦ୍ରବ୍ୟ ଉପରେ ଟିକସ ଲଗାଉଛି ସେହି ଭାବରେ ଆମେରିକାକୁ ଆସୁଥିବା ପ୍ରତ୍ୟେକ ଦେଶର ପଦାର୍ଥ ଉପରେ ଟିକସ ବସାଇବା ପାଇଁ ଘୋଷଣା କଲେ। ଏପରିକି ଆମେରିକାର ବହୁ ବର୍ଷ ହେଲା ସହଯୋଗୀ ରାଷ୍ଟ୍ର ଭାବରେ ଥିବା ୟୁରୋପୀୟ ୟୁନିୟନ, କାନାଡ଼ା, ମେକ୍ସିକୋ, ଅଷ୍ଟ୍ରେଲିଆ, ଜାପାନ, କୋରାଆ ପ୍ରଭୃତି ଦେଶକୁ ମଧ୍ୟ ସେ ସେହି ବର୍ଗରେ ରଖିଲେ। ଏପରିକି ନିକଟରେ ସେ ଏପ୍ରିଲ ୨ ତାରିଖରେ ଟିକସର ଯେଉଁ ନୂଆ ବ୍ୟବସ୍ଥା ଜାରି କରିଛନ୍ତି ସେଥିରେ ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିବା ଚୀନ ଉପରେ ୩୪ଭାଗ ଆମଦାନୀ ଶୁଳ୍କ ସହିତ ଭାରତ ଉପରେ ମଧ୍ୟ ୨୬ଭାଗ ଟିକସ ଜାରି କରିଛନ୍ତି। ଆମେରିକାର ଏହି ପଦକ୍ଷେପ ଫଳରେ ଆମେରିକାର ଷ୍ଟକ ମାର୍କେଟ ଦ୍ରୁତଗତିରେ ହ୍ରାସ ପାଇବା ସହିତ ବିଶ୍ୱର ଷ୍ଟକ ମାର୍କେଟରେ ଏହାର ପ୍ରଭାବ ପଡ଼ିଛି। ଏହା ସତ୍ୟ ଯେ, ଆମେରିକାକୁ ଅଧିକ ପରିମାଣର ପଦାର୍ଥ ଆମଦାନୀ ହେଉଛି। ବିଶ୍ୱ ବଜାରରେ ମୋଟ ଆମଦାନୀର ଶତକଡ଼ା ୧୩ଭାଗ କେବଳ ଆମେରିକା ଯୋଗୁଁ ସମ୍ଭବ ହେଉଛି। ତେଣୁ ଯେଉଁ ଦେଶ ସହିତ ଆମେରିକାର ବାଣିଜ୍ୟିକ ନିଅଂଟ ରହିଛି ସେହି ଦେଶଗୁଡ଼ିକ ଉପରେ ଅଧିକ ଟିକସ ଜରିଆରେ ସେହିସବୁ ଦେଶରୁ ଆମଦାନୀକୁ ନିରୁତ୍ସାହିତ କରାଯାଉଛି। କିନ୍ତୁ ଏହା ଫଳରେ ଆମେରିକାରେ ବହୁ ପଦାର୍ଥର ଦରଦାମ ନିଶ୍ଚୟ ବଢ଼ିବ। ଅପରପକ୍ଷରେ ଯେଉଁ ଦେଶମାନେ ଆମେରିକା ସହିତ ବାଣିଜ୍ୟ କରୁଛନ୍ତି ସେମାନଙ୍କ ଅର୍ଥନୀତି ମଧ୍ୟ ବିଗିଡ଼ିଯିବ। ଟ୍ରମ୍ପ ଭାବିଛନ୍ତି ଏହିପରି ପଦକ୍ଷେପ ଫଳରେ ଅଧିକାଂଶ କମ୍ପାନୀ ଆମେରିକାରେ ଉତ୍ପାଦନ କରିବା ପାଇଁ ଆଗ୍ରହ ପ୍ରକାଶ କରିବେ ଓ ଆମେରିକାର ଅର୍ଥନୀତି ଏଥିରେ ବଢ଼ିବ ଓ ନିଯୁକ୍ତି ମିଳିବ। କିନ୍ତୁ ବର୍ତମାନ ପାଇଁ ଏହା ଠିକ୍ ବିପରୀତ ପ୍ରଭାବ ପ୍ରଦାନ କରିବାର ସମ୍ଭାବନା ରହିଛି। ଅପରପକ୍ଷରେ ଯେଉଁ ମିତ୍ର ରାଷ୍ଟ୍ରଗୁଡ଼ିକ ଉପରେ ମଧ୍ୟ ଟ୍ରମ୍ପଙ୍କ ଆମଦାନୀ ଶୁଳ୍କ ବୃଦ୍ଧି ଦ୍ୱାରା ସେମାନଙ୍କ ଅର୍ଥନୀତି ଅସୁବିଧାରେ ପଡ଼ିବ ସେମାନେ ପାଲଟା ଭାବରେ ଆମେରିକାରୁ ଆମଦାନୀ ହେଉଥିବା ପଦାର୍ଥଗୁଡ଼ିକ ଉପରେ ଟିକସ ବଢ଼ାଇବା ପାଇଁ ବାଧ୍ୟ ହେବେ। ଚୀନ୍ ସମେତ ବିଶ୍ୱର ଅଧିକାଂଶ ଦେଶ ଟ୍ରମ୍ପଙ୍କର ଏହି ବାଣିଜ୍ୟ ଯୁଦ୍ଧ ବିରୋଧରେ ପାଲଟା କାର୍ଯ୍ୟାନୁଷ୍ଠାନ ନେଇ ସାରିଲେଣି। କିନ୍ତୁ ଭାରତ ଏବେ ବି କୌଣସି ପାଲଟା କାର୍ଯ୍ୟାନୁଷ୍ଠାନ ନ ନେଇ ଆମେରିକା ସହିତ ଏକ ଦ୍ୱିପାକ୍ଷିକ ବାଣିଜ୍ୟ କଥାବାର୍ତା ଜରିଆରେ ଯାହାକିଛି ପଦକ୍ଷେପ ନେବ ବୋଲି ଚିନ୍ତା କରୁଛି। କିନ୍ତୁ ଆମେରିକା ଯେଉଁ ବାଣିଜ୍ୟିକ ଯୁଦ୍ଧ ଆରମ୍ଭ କରିଛି ସେଥିରେ ବହୁ ଦେଶରେ ଶିଳ୍ପ ପ୍ରତିଷ୍ଠାନମାନଙ୍କରେ ଉତ୍ପାଦନ ନିଶ୍ଚିତ ହ୍ରାସ ପାଇବ। କାରଣ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ପାଇଁ ନୂଆ ବଜାର ରାତାରାତି ସୃଷ୍ଟି ହୋଇପାରିବ ନାହିଁ। ୟୁରୋପୀୟ ରାଷ୍ଟ୍ରମାନେ ଯେଉଁମାନେ ଆମେରିକା ଉପରେ ବହୁ ପରିମାଣରେ ନିର୍ଭର କରନ୍ତି ସେମାନଙ୍କର ଆର୍ଥିକ ଅଭିବୃଦ୍ଧି ହାର ମଧ୍ୟ କମିଯିବ। କିନ୍ତୁ ଆମେରିକା ମନେ ରଖିବା ଉଚିତ ଯେ ସତୁରି ଦଶକରେ ଆମେରିକାର ବିଶ୍ୱରେ ଯେଉଁ ପ୍ରଭାବୀ ଭୂମିକା ଥିଲା ତାହା ଏବେ ନାହିଁ। ଚୀନ ଏକ ଶକ୍ତିଶାଳୀ ରାଷ୍ଟ୍ର ଭାବରେ ବିଶ୍ୱ ବାଣିଜ୍ୟକୁ ପ୍ରଭାବିତ କରୁଛି। ଆମେରିକା ଓ ୟୁରୋପ ଛଡ଼ା ଚୀନ୍, ଜାପାନ, କୋରିଆ ପ୍ରଭୃତି ରାଷ୍ଟ୍ରମାନେ ମଧ୍ୟ କାରିଗରୀ ଜ୍ଞାନ ଜରିଆରେ ସେମାନଙ୍କ ଉତ୍ପାଦନ ବ୍ୟବସ୍ଥାକୁ ବହୁ ଶକ୍ତିଶାଳୀ କରିଛନ୍ତି। ସେହି ଦୃଷ୍ଟିରୁ ଡୋନାଲ୍ଡ ଟ୍ରମ୍ପ ଯେଉଁଭଳି ଭାବରେ ବାଣିଜ୍ୟ ଯୁଦ୍ଧ ଆରମ୍ଭ କରିଛନ୍ତି ସେଥିରେ ବିଶ୍ୱର ଅନ୍ୟ ଦେଶମାନେ କ୍ଷତିଗ୍ରସ୍ତ ହେବା ସହିତ ଆମେରିକା ମଧ୍ୟ ଆର୍ଥିକ ଦୃଷ୍ଟିରୁ ଅସୁବିଧାରେ ପଡ଼ିବ। ସେଠାରେ ମୁଦ୍ରାସ୍ଫୀତିର ସମ୍ଭାବନା ବଢ଼ିଛି। ଯଦି ଟ୍ରମ୍ପଙ୍କ ଘୋଷଣାଗୁଡ଼ିକ ପରେ ଆମେରିକାର ଅର୍ଥନୀତି ବାଟକୁ ନ ଆସେ ଓ ସେଠାରେ ନିଯୁକ୍ତି ସୁଯୋଗ ନ ବଢ଼େ ଓ ଦରଦାମ ବଢ଼ିଯାଏ ତେବେ ଆମେରିକାରେ ଦୁଇ ବର୍ଷ ପରେ ହେବାକୁ ଥିବା ମଧ୍ୟବର୍ତୀକାଳୀନ ନିର୍ବାଚନରେ ତାହାର ପ୍ରଭାବ ପଡ଼ିବ। ଅପରପକ୍ଷରେ ଆମେରିକାର ପଦକ୍ଷେପ ଯୋଗୁ ବିଶ୍ୱ ବାଣିଜ୍ୟରେ ଯେଉଁ ଅବ୍ୟବସ୍ଥା ସୃଷ୍ଟି ହେବ ସେଥିରୁ ମୁକୁଳିବା ପାଇଁ ଅନେକ ଦେଶ ବିଶ୍ୱରେ ନୂଆ ପ୍ରକାର ବାଣିଜ୍ୟ ବ୍ୟବସ୍ଥା ନିମନ୍ତେ ଉପାୟ ଚିନ୍ତା କରିବେ। ସେଥିରେ ଚୀନ କ୍ଷତିଗ୍ରସ୍ତ ହେବା ପରିବର୍ତେ ଲାଭବାନ ହେବାର ସମ୍ଭାବନା ରହିଛି। ଆମେରିକା ତାହାର ବନ୍ଧୁ ରାଷ୍ଟ୍ରମାନଙ୍କୁ ହରାଉଥିବାରୁ ଭବିଷ୍ୟତରେ ଆମେରିକା ବିଶ୍ୱ ଦରବାରରେ ଏହାର ସମର୍ଥନ ଯୋଗାଡ଼ କରିବା କଷ୍ଟକର ହେବ। ଏହି ଅବସ୍ଥାକୁ ଲକ୍ଷ୍ୟ କରି ସମ୍ଭବତଃ ଟ୍ରମ୍ପ ଯେତେ ଚାହୁଁଥିଲେ ମଧ୍ୟ ୟୁକ୍ରେନ ସହିତ ଯୁଦ୍ଧ ବିରତୀ ପ୍ରସ୍ତାବରେ ରୁଷ ପୁରାମାତ୍ରାର ରାଜି ହୋଇନାହିଁ। ସାରା ବିଶ୍ୱରେ ଏବେ ନୂଆ ଧରଣର ବିଶ୍ୱବ୍ୟବସ୍ଥା ନିମନ୍ତେ ଏକ ସୁଯୋଗ ଟ୍ରମ୍ପଙ୍କ ପାଗଳାମୀ ନିଷ୍ପତି ଯୋଗୁ ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି।

# ମଧ୍ୟବିତ: ଧନ କମ କଥା ବହୁତ

## ସୁବାସ ଷଡଙ୍ଗୀ

ଗତ ଦଶ ବର୍ଷ ଭିତରେ ଆମ ଦେଶରେ ମଧ୍ୟବିତମାନଙ୍କର ଅବସ୍ଥା କଣ ହୋଇଛି, ସେ ବିଷୟରେକୌଣସି ବିତର୍କର ଆମଶ୍ୟକତା ନାହିଁ, ଆମେ ସଭିଏଁ ଉପଲବ୍ଧି କରୁଛେ।ବେକାରି ଓ ଦରଦାମବୃଦ୍ଧିରେ ଆମ ଅବସ୍ଥା କହିଲେ ନ ସରେ। ନିକଟରେ କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡଗେ ତାଙ୍କ 'ଏକ୍ସ' ଖାତାରେ ମଧ୍ୟବିତମାନଙ୍କର କରୁଣ ଅବସ୍ଥା ନେଇ ଯେଉଁ ଚିତ୍ର ଦେଇଛନ୍ତି, ତାହା ପୁଣି ଥରେ ଆଲୋଚନା ଭିତରକୁ ଆସିଛି। 'ୱାଲର୍ଡ ଅନଇକୁଆଲିଟି ଡାଟାବେସ'ର ତଥ୍ୟକୁ ଉଦ୍ଧୃତ କରି ଖଡଗେ ଲେଖିଛନ୍ତି, ଭାରତରେ ମଧ୍ୟବିତମାନଙ୍କର ଆୟ ୧୮୨୦ ମସିହାରେ ଯେଉଁ ଅବସ୍ଥାଥିଲା, ତାହାଠାରୁ ତଳକୁ ଖସିଯାଇଛି। ୧୮୨୦ ମସିହା ଅର୍ଥାତ ସେତେବେଳେ ଭାରତ ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନ ଅଧୀନରେ ଥିଲା। ସତରେ କଣ ଆମେ ଏହା ଭିତରେ ଦୁଇଶହ ବର୍ଷ ପଛକୁ ଚାଲିଯାଇଛୁ ? କଥାଟି ଶୁଣିବାକୁ ହୁଏତ ଭଲ ଲାଗିପାରେ। 'ୱାଲର୍ଡ ଇନଇକୁଆଲିଟି ରିପୋର୍ଟ'ରେ ଏକଥା ପୂର୍ବରୁ ଦର୍ଶାଯାଇଥିଲା। ସେଥିରେ କୁହାଯାଇଥିଲା ୧୮୨୦ ମସିହାରେ ଦେଶରେ ବଡ ଲୋକଙ୍କର ଏକତୃତୀୟାଂଶଙ୍କ ହାତରେ_ାୟ ଓ ସମ୍ପଦର ୭୩.୨ ଶତାଂଶ ରହିଥିଲା ସେଇପରି ମଧ୍ୟବିତଙ୍କ ଭିତରୁ ଏକତୃତୀୟାଂଶଙ୍କ ହାତରେ ଥିଲା ଆୟ ଓ ସମ୍ପଦର ୧୫ ଶତାଂଶ। ୨୦୨୩ ମସିହାରେ ମଧ୍ୟବିତଙ୍କ ହାତରେ ଜାତୀୟ ଆୟର ମାତ୍ର ୧୪.୯ ଶତାଂଶ ରହିଛି। ଅର୍ଥାତ ୧୮୨୦ ମସିହାର ହାର ଠାରୁ ମଧ୍ୟ କମ। ସେଇପରି ଧନୀ ଲୋକମାନଙ୍କ ହାତରେ ମୋଟ ଜାତୀୟ ଆୟର ୭୭.୮ ଶତାଂଶ ରହିଛି। ଆୟ ଦୃଷ୍ଟିରୁ ଦେଖିବାକୁ ଗଲେ ତଳସ୍ତରରେ ଥିବା ଜନସଂଖ୍ୟାର ଏକ ତୃତୀୟାଂଶଙ୍କ କ୍ଷମତା ମଧ୍ୟବିତ ଶ୍ରେଣୀଠାରୁ ଆହୁରି ଖରାପ। ୧୮୨୦ ମସିହାରେ ସେମାନଙ୍କ ଭାଗରେ ଥିଲା ମୋଟ ଆୟର ୧୦.୮ ଶତାଂଶ। ୨୦୨୩ ମସିହାରେ ସେତକ କମିଯାଇ ପହଂଚିଛି ୬.୪ ଶତାଂଶରେ।

ଭାରତରେ ଆର୍ଥିକ ବୈଷମ୍ୟ ନେଇ ଅନେକ ଆଲୋଚନା ହୋଇଛି। ୧୯୯୧ ମସିହାରେ ଡକ୍ଟର ମନମୋହନ ସିଂହଙ୍କ ନେତୃତ୍ୱରେ ଆର୍ଥିକ ସଂସ୍କାର ଆରମ୍ଭ ହେଲା। ସେତେବେଳେ ଅନେକ ଆଶଙ୍କା ପ୍ରକାଶ କରିଥିଲେ, ମିଶ୍ର ଅବର୍ଥନୀତିର ରାସ୍ତା ଛାଡି ଖୋଲାବଜାରକୁ ଗ୍ରହଣ କଲେ ଆର୍ଥିକ ବୈଷମ୍ୟ ବଢିବ। କିଛି ବର୍ଷ ପରେ ଏହାର କିଛିଟା ସୁରାକ ମିଳିଲା। ଏ ନେଇ ଅନେକ ତଥ୍ୟ ଓ ପରିସଂଖ୍ୟାନ ରହିଛି। ଯେଉଁ ବୈଷମ୍ୟ ଦେଖାଦେଇଛି, ତାହାର ନିରାକରଣ କିପରି କରାଯାଇପାରିବ, ସେ ନେଇ ବିଶେଷ ଆଲୋଚନା ହୋଇ ନାହିଁ।

ପ୍ରଧାନମନ୍ତ୍ରୀ ତାଙ୍କ ଶାସନ ସମୟର କଥା ପ୍ରକାଶ କରି କହିଛନ୍ତି, ଆଗରୁ ସବୁ ଲୋକ ଗରିବ ଥିଲେ। ମଧ୍ୟବିତ ଶ୍ରେଣୀ ନଥିଲା। ଏଣୁ ସେ ଅବସ୍ଥାକୁ ଫେରିଯିବା ବୋଲି କହିବାରେ କୌଣସି ଯୁକ୍ତି ନାହିଁ। ଏବେ ଧନୀଙ୍କ ସଂଖ୍ୟ ବଢିଛି। ଗରିବମାନେ ଧୀରେ ଧୀରେ ଧନୀ ହେଉଛନ୍ତି। ସେମାନଙ୍କୁ ଧନୀ ହେବା ପାଇଁ କିଛି ସମୟ ଲାଗିବ।

ଆମେରିକାରେ ମଧ୍ୟ ଆର୍ଥିକ ବୈଷମ୍ୟ ରହିଛି। ଯାହାଫଳରେ ସେଠାରେ ମଧ୍ୟବିତଙ୍କ ସଂଖ୍ୟା ହ୍ରାସ ପାଇବାକୁ ଆରମ୍ଭ କରିଛି। ଇଏଲ ବିଶ୍ୱବିଦ୍ୟାଳୟର ଆଇନ ଅଧ୍ୟାପକ ଡାନିଏଲ ମାର୍କୋଭିଟସ କେତେକ ତଥ୍ୟ ବିଶ୍ଳେଷଣ କରି ପ୍ରକାଶ କରିଥିଲେ ଯେ, ' ମେଧାତନ୍ତ୍ରର ଅବକ୍ଷୟ ଯୋଗୁ ଏଭଳି ବୈଷମ୍ୟ ସୃଷ୍ଟି ହେଉଛି। ଚରମ ଦାରିଦ୍ର୍ୟରୁ ମୁକ୍ତି ପାଇବା ପାଇଁ ଆମେରିକାବାସୀ ନିଜ ଶିକ୍ଷାକୁ ଉପଯୋଗ କରିବାକୁ ଚାହାନ୍ତି। କିନ୍ତୁ ସେମାନେ ସେଠାରେ ଚରମ ପ୍ରତିଯୋଗିତାରେ ସଫଳ ହୋଇପାରୁ ନାହାନ୍ତି। ଗରିବ ଲୋକର ଏକମାତ୍ର ସମ୍ବଳ ହେଉଛି ନିଜର ମେଧା। କିନ୍ତୁ ଧନୀଙ୍କ ତୁଳନାରେ ସେମାନେ ପ୍ରତିଯୋଗିତାରେ ପଛରେ ରହିଯାଉଛନ୍ତି।ତାଙ୍କ ଯୁକ୍ତିରେ 'ଆପଲର ପ୍ରତିଷ୍ଠାତା ଷ୍ଟିଭସ ଙ୍କ 'ର୍ୟାଗସ ଟୁ ରିଚ' ହେବାର କାହାଣୀ ଏବେ ଆଉ ସମ୍ଭବ ନୁହେଁ। ତାଙ୍କ ମତରେ ବଜାର ପରିଚାଳିତ ସମାଜ ଏବେ କ୍ଷମତାର ବଂଟନ ଦ୍ୱାରା ନିୟନ୍ତିତ। ମେଧାତନ୍ତ୍ର ନିଜର ଯୋଗ୍ୟତା ଶାଣିତ କରିବା ପାଇଁ ସମସ୍ତଙ୍କୁ ସମାନ ସୁଯୋଗ ଦେଉ ନାହିଁ। ବଡ ଲୋକର ପିଲାମାନେ ଭଲ ସ୍କୁଲ ପାଠ ପଢି ଆଗକୁ ମାଡି ଯାଉଛନ୍ତି। ଗରିବ ପିଲାମାନେ ସେମାନଙ୍କ ସହିତ ତାଳ ମିଳାଇ ଆଗକୁ ଯାଇ ପାରୁ ନାହାନ୍ତି। ବରଂ ଶିକ୍ଷା ଏକ ସାମନ୍ତତାନ୍ତ୍ରିକ ପ୍ରଯୁକ୍ତିରେ ପରିଣତ ହୋଇଛି।

ତାଙ୍କ ଯୁକ୍ତିରେ ସମସ୍ତଙ୍କୁ ସମାନ ସୁଯୋଗ ମିଳିବା ଦରକାର। ଏଥିପାଇଁ ଶିକ୍ଷାର ପରିବର୍ତନ ଦରକାର। ସରକାରୀ ବ୍ୟବସ୍ଥାରେ ଉଚମାନର ସ୍କୁଲ ପ୍ରତିଷ୍ଠା ହେବା ଦରକାର। ଯେଉଁଠାରେ ଧନୀ ଓ ଗରିବ ନିର୍ବିଶେଷରେ କେବଳ ଭଲ ପିଲା ପାଠ ପଢିପାରିବେ। ସରକାରୀ ବ୍ୟବସ୍ଥାରେ କମ ଅର୍ଥରେ ଉଚମାନର ଶିକ୍ଷା ମିଳିବା ଦରକାର। ଯଦ୍ୱାରା ସବୁପିଲା ଡାକ୍ତର ହୋଇ ନପାରିଲେ ନର୍ସ ତ ହୋଇପାରିବେ। ଶିକ୍ଷା ବ୍ୟବସ୍ଥାକୁ ଧନୀଙ୍କ କବଳରୁ ରକ୍ଷା କରିବାକୁ ହେବ। ଗଣତନ୍ତ୍ର ମେଧାତନ୍ତ୍ରକୁ ସଂକୁଚିତ କରିଦେଉଛି।

ମାର୍କୋଭିଟସଙ୍କ ମତରେ ଆଜିର ଶିକ୍ଷା ବ୍ୟବସ୍ଥା ହେଉଛି'ଟେଷ୍ଟୋକ୍ରାଟିକ'। ଏଭଳି ବ୍ୟବସ୍ଥା ପ୍ରତିଭାର ଉପଯୁକ୍ତ ମୂଲ୍ୟାୟନ ଦିଗରେ ବାଧା ସୃଷ୍ଟି କରୁଛି। ଡାକ୍ତର ହେବାକୁ ହେଲେ ଆମକୁ କୋଟାଯାଇ ପ୍ରତିଯୋଗିତା ପରୀକ୍ଷା ପାଇଁ ପ୍ରସ୍ତୁତ ହୋବାକୁ ହେବ। ଯାହାର ପଇସା ଅଛି ଅର୍ଥାତ ଧନୀ ଘରର ପିଲାମାନେ ସେଠାକୁ ଯାଇ ପ୍ରତିଯୋଗିତା ଲାଗି ପ୍ରସ୍ତୁତ ହେଲେ। ମାତ୍ର ଯାହପାଖରେ ଅର୍ଥ ନାହିଁ ସେ ପଛରେ ରହିଗଲା। କିନ୍ତୁ ତା ପାଖରେ ମେଧା ଅଛି। ଉପଯୁକ୍ତ ସହଯୋଗ ପାଇଲେ ସେ ଉପରକୁ ଉଠି ପାରିବ। ଆମ ଦେଶରେ ଧନୀ ଲୋକମାନେ ରାଜନୀତିକୁ ନିୟନ୍ତ୍ରିତ କରନ୍ତି। ସେମାନେ ନିଜର କିଛି ବିଶେଷ ଅଧିକାରକୁ ହାତଛଡା କରିବାକୁ ଚାହାନ୍ତି ନାହିଁ। ତେଣୁ ଏଭଳି ବୈଷମ୍ୟ ରହିବ। କୈଣସି ନେତା ଧନୀ ବର୍ଗକୁ ନିରାଶ କରିବାକୁ ଚାହାନ୍ତି ନାହିଁ। ଖାଲି ବଜେପି କାହିଁକି, କଂଗ୍ରେସ ମଧ୍ୟ ସେଇଥିରେ। କେବଳ ଯାହା ଭାଷଣ ଅଲଗା। ମଧ୍ୟବିତଙ୍କ ପାଇଁ କେହି ଚିନ୍ତା କରନ୍ତି ନାହିଁ। ତେଣୁ ସେମାନଙ୍କ ପାଇଁ ବୈଷମ୍ୟ ଏକ ଚିରନ୍ତନ ସାଥୀ।

ମୋ-୯୪୩୯୬୫୨୩୨୨

# ବଜେଟକୁ ନେଇ କିଛି କଥା

ପ୍ରତି ବର୍ଷ ଫେବୃୟାରୀ ମାସ ଆସିଲେ ବଜେଟକୁ ନେଇ ଆମେ ଆଲୋଚନା କରୁ। ଅନେକ ପ୍ରଶ୍ନ କରିପାରନ୍ତି, ବଜେଟ କଣ ? ଆୟ ବ୍ୟୟର ହିସାବ। ସେ ନେଇ ଏତେ ଆଲୋଚନା କଣ ? ଆଲୋଚନାର କାରଣ ହେଲା, ହିସାବ ବିଗିଡିଗଲେ, ପରିବାରର ଅବସ୍ଥା ଯେପରି ବଦଳିଯାଏ, ଠିକ ସେମିତି ବଜେଟର ଆୟବ୍ୟୟ ଏପଟସେପଟ ହେଲେ, ଦେଶର ଆର୍ଥିକ ଅବସ୍ଥା ଦୋହଲିଯାଏ।ଏଣୁ ବଜେଟ ନେଇ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ବଡ ବଡ ବ୍ରବସାୟିମାନେ ମଧ୍ୟ ଆଲୋଚନା କରନ୍ତି।

ଆର୍ଥିକ ସାମର୍ଥ୍ୟ ଅନୁସାରେ ଦେଶକୁ ତିନି ଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମ ଭାଗଟି ହେଲେ ସଂଖ୍ୟାରେ କମ କିନ୍ତୁ ସେମାନେ କ୍ଷମତାଶାଳୀ। ସେମାନଙ୍କୁ କୁହାଯାଏ ଉଚ୍ଚବର୍ଗ। ଦ୍ୱିତୀୟ ଭାଗ ହେଲେ ସଂଖ୍ୟାରେ ଅଧିକ କିନ୍ତୁ ସେମାନେ ଦରିଦ୍ର, ନିମ୍ନ ମଧ୍ୟବିତ। କିନ୍ତୁ ଏ ଦୁଇଟି ଶ୍ରେଣୀ ମଝିଆମଝି ଗୋଟିଏ ଶ୍ରେଣୀ ଅଛନ୍ତି, ସେମାନଙ୍କୁ କୁହାଯାଏ ବିଭିନ୍ନ ପ୍ରକାରର ମଧ୍ୟବିତ। ବଜେଟ ପ୍ରସ୍ତୁତ ସମୟରେ ଯଦି ସରକାର ଏମାନଙ୍କ କଥା ସ୍ୱତନ୍ତ୍ର ଭାବେ ବିଚାର ନ କରନ୍ତି, ତେବେ ନିର୍ବାଚନ ନଦୀ ପାର ହେବା ସହଜ ନୁହେଁ।

ଦରିଦ୍ର ବା ନିମ୍ନମଧ୍ୟବିତ ଶ୍ରେଣୀର ଲୋକମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ, ଆଜିକାଲି ନୂଆ ତରିକା ସୃଷ୍ଟି କରାଯାଇଛି, ତାହା ହେଲା, ନଗଦ ଟଙ୍କା ହସ୍ତାନ୍ତରଣ। ଲୋକମାନେ ବିଭିନ୍ନ ପ୍ରକାରର ଜିନିଷ ପାଉଥିଲେ। କାହାକୁ ଚାଉଳ ଦିଆଯାଉଥିଲା ତ ଆଉ କାହାକୁ ସାଇକେଲ। ଏମିତି ପାଠ ପଢିବା ପାଇଁ ଟଙ୍କା। ପୋଷାକ ବି। କିନ୍ତୁ ଏ ସବୁ ବେଶିଦିନ ଲୋକମାନଙ୍କୁ ବାନ୍ଧି ରଖିପାରିଲା ନାହିଁ। କାରଣ, ଏଥିରେ ଅନେକ ବାଟମାରଣା ହେଉଥିଲା। ଚାଉଳ ଡିଲର ମିଛ ଲୋକମାନଙ୍କ ନାମ ପକାଇ ନେଇ ଯାଉଥିଲା। ଆମ ପ୍ରଧାନମନ୍ତ୍ରୀ ବହୁବାର ଏମିତି ମାଗଣା ଦେବାର ଯୋଜନାକୁ ପ୍ରକାଶ୍ୟରେ ସମାଲୋଚନା କରୁଥିଲେ ମଧ୍ୟ 'ଲାଡଲି ବେହେନ' ଯୋଜନାକୁ ଫିତାକାଟି ଶୁଭାରମ୍ଭ କରିଥିଲେ। କାରଣ ଭୋଟ ରାଜନୀତିର ଇଏ ଏକ ଅମୋଘ ଅସ୍ତ୍ର।

ଏଥରକ ଆସିବା ବଜେଟ ଆଲୋଚନାକୁ। ଏବର୍ଷ ସରକାର ଯାହା କୁହନ୍ତୁ ନା କାହିଁକି, ଆର୍ଥିକ ବୃଦ୍ଧିହାର କମିଯାଇଛି। ଶତକଡା ୬.୫ ଶତାଂଶକୁ। ବଜାରରେ ଚାହିଦା ପରିମାଣ କମିବାରେ ଲାଗିଛି। ତାର କାରଣ ହେଉଛଇ, ଆୟର କୌଣସି ଉପାୟ ନାହିଁ। ବିଶେଷ କରି ଆମ ଦେଶର ମଧ୍ୟବିତ ଶ୍ରେଣୀ ଯେଉଁଭଳି ଚାକିରି ଚାହାନ୍ତି, ତାହା ସେମାନଙ୍କୁ ମିଳୁ ନାହିଁ। ଭାରତ ଭଳି ମାନବ ସମ୍ବଳ ଅଧିକ ଥିବା ଦେଶରେ ଯଦି କଂପ୍ୟୁଟରର ବହୁଳ ପ୍ରଚଳନ ହୁଏ ,ତେବେ ଆମ ଶିକ୍ଷିତ ଯୁବକ ଯୁବତୀମାନେ କାମ ପାଇବେ କିପରି ? ଏହା ସହିତ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ମାନବ ସମ୍ବଳର ଉପଯୋଗ କମ କରିଦେଉଛି। ଶିକ୍ଷା ବ୍ୟବସ୍ଥା ନ ବଦଳିଲେ ଅଧିକ ଚାକିରି ସୃଷ୍ଟି ହୋଇପାରିବ ନାହିଁ। ନିର୍ବାଚନ

ଏଥରକ ବଜେଟରେ ମଧ୍ୟବିତ ଶ୍ରେଣୀକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ତାର କାରଣ ହେଉଛି ମଧ୍ୟବିତ ଶ୍ରେଣୀକୁ ଖୁସି କରିବା ପାଇଁ ଚାହାନ୍ତି। ଦିଲ୍ଲି ଓ ବିହାର ନିର୍ବାଚନକୁ ଆଖି ଆଗରେ ରଖି ଏଭଳି ପ୍ରସ୍ତୁତ କରାଯାଇଛି। ଦିଲ୍ଲିରେ ଅଧିକ ଚାକିରି ଜୀବି ଓ ମଧ୍ୟବିତ ଶ୍ରେଣୀର ଲୋକମାନ ରୁହନ୍ତି, ସେମାନଙ୍କୁ ସରକାର ଖୁସି କରିବାକୁ ଚାହାନ୍ତି। ଅଷ୍ଟମ ବେତନ କମିଶନ ଗଠନ ପାଇଁ ସରକାରଙ୍କ ଘୋଷଣା କେବଳ ଚାକିରିଜୀବିଙ୍କୁ ଖୁସି କରିବା ପାଇଁ। ବଜେଟରେ ଆୟକର ସୀମା ବୃଦ୍ଧି ଆଉ ଏକ ପ୍ରସ୍ତାବ ଯାହା ମଧ୍ୟବିତ ଶ୍ରେଣୀର ଲୋକାମାନଙ୍କୁ ଖୁସି କରିବ।

ନିମ୍ନ ମଧ୍ୟବିତଙ୍କ ପାଇଁ 'ଲାଡଲି ବେହେନ ' ଯୋଜନାରେ ଅର୍ଥ ପରିମାଣକୁ ବଢିବାପାଇଁ ସରକାର ଚାହାନ୍ତି। ଆୟକର ସୀମା ବଢାଇବା ସରକାରଙ୍କ ପାଇଁ ଏକ ବଡ ପଦକ୍ଷେପ। ଏହାଦ୍ୱାରା ମଧ୍ୟବିତ ଶ୍ରେଣୀ ଅଧିକ ଖୁସି ହେବେ। ସି ଭୋଟର ପକ୍ଷରୁ କରାଯାଇଥିବା ସର୍ଭେରେ କୁହାଯାଇଛି, ଏଭଳି ଘୋଷଣା ଭୋଟରଙ୍କ ଉପରେ ଅଧିକ ପ୍ରଭାବ ପକାଇଛି।

ଗତଥରକ ଯେଉଁ ଘୋଷଣା ସବୁ ବଜେଟରେ କରାଯାଇଥିଲା, ତାହା ଏବେ କେତେ କାର୍ଯ୍ୟକାର ହୋଇଛି, ସେ କଥା କେହି ପଚାରନ୍ତି ନାହିଁ। ଏମିତିକ କେହି ମନେ ରଖନ୍ତି ନାହିଁ। ଆମେ କେବଳ ନୂଆ ଯୋଜନା ଘୋଷଣାକୁ ନେଇ ଖୁସି। ସରକାର କେବଳ ବାହବା ନେବାକୁ ଚାହନ୍ତି।

ଏତେ କଥା କହିବା ସତ୍ୱେ ଆମକୁ ସ୍ୱୀକାର କରିବାକୁ ହେବ ବିଜେପି ସରକାର ମଧ୍ୟବିତ ଶ୍ରେଣୀର ଲୋକମାନଙ୍କ ପାଇଁ ଏହି ବଜେଟରେ ଅନେକ କିଛି ଦେଇଛନ୍ତି। ସେଥିପାଇଁ ଏହି ବଜେଟକୁ ସବୁ ବର୍ଗର ଲୋକାମାନେ ସ୍ୱାଗତ କରୁଛନ୍ତି।

ସରକାର ଆର୍ଥିକ ବୃଦ୍ଧିହାର ନିୟନ୍ତ୍ରଣକୁ ଆଣିବା ପାଇଁ ଚାହାନ୍ତି। କିନ୍ତୁ ଆମେରିକାରେ ଯେପରି ହଲଚଲ ସୃଷ୍ଟି ହୋଇଛି ତାର ପ୍ରଭାବ ତ ଭାରତର ଆର୍ଥିକ ନୀତି ଉପରେ ପଡିବ। ଏଣୁ ବର୍ଷର ଆରମ୍ଭରୁ ଏ ନେଇ କିଛି କୁହାଯାଇପାରିବ ନାହିଁ। ତେବେ ସରକାର ସବୁ ଥରକ ଭଳି ଏଥରକ ମଧ୍ୟ ଜନମୋହନ ନୀତି ଆପଣେଇବାକୁ ଚାହିଛନ୍ତି। ଦେଖାଯାଉ, ନିର୍ବାଚନ ରାଜନୀତିରେ ଏହାକେତେ ସଫଳ ହେଉଛି ?

*ସୁବାସ ଷଡଙ୍ଗୀ*



ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ସୋମବାର ଏକ ବିଶାଳ 'ଯୋଗ ମହୋତ୍ସବ' ଅନୁଷ୍ଠିତ ହୋଇଛି। ଏହି ସମାରୋହ ସହିତ ଦଶମ ଅନ୍ତର୍ଜାତୀୟ ଯୋଗ ଦିବସର ୭୫ ଦିନିଆ ଅବଗଣନା ଆରମ୍ଭ ହୋଇଛି। କେନ୍ଦ୍ର ଆୟୁଷ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ପ୍ରତାପ ରାଓ ଯାଦବ ଏହି ଯୋଗ ମହୋତ୍ସବକୁ ଉଦଘାଟନ କରିଥିଲେ। ସକାଳ ସାଢ଼େ ୬ଟାରୁ ୮ଟା ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ବିଶାଳ ସାଧାରଣ ଯୋଗ ଅଭ୍ୟାସ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ସାଂସଦ ଡାକ୍ତର ସମ୍ବିତ ପାତ୍ର, ଆୟୁଷ ମନ୍ତ୍ରାଳୟ ସଚିବ ବୈଦ୍ୟ ରାଜେଶ କୋଟେଚା, ଯୁଗ୍ମ ସଚିବ ମୋନାଲିସା ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବହୁ ଯୋଗପ୍ରେମୀ ଅଂଶଗ୍ରହଣ କରିଥିଲେ।

## ଦୁଇଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



ଭୁବନେଶ୍ୱର: ଗତକାଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଯାଇଥିବା ଜଣାଯାଇଛି। ଏହି ସମୟରେ ସେ ବଡ଼ ଶିଳ୍ପପତିଙ୍କ ସହ ଆଲୋଚନା କରି ଏମଓୟୁ ସ୍ୱାକ୍ଷର କରିବେ । ଓଡ଼ିଶାର ଶିଳ୍ପାୟନକୁ ଆଗକୁ ବଢାଇବା ସହ ରାଜ୍ୟର ଅର୍ଥନୈତିକ ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଦିଲ୍ଲୀ ଯାଇଛନ୍ତି ମୁଖ୍ୟମନ୍ତ୍ରୀ । ଆଜି ବହୁ ପ୍ରତିଷ୍ଠିତ ଶିଳ୍ପପତିଙ୍କ ସମେତ ଅନ୍ୟ ଅଂଶୀଦାରମାନଙ୍କ ସହ ଆଲୋଚନା କରିବେ ସେ। କେତେକ କମ୍ପାନୀ ସହ ଏମଓୟୁ ସ୍ୱାକ୍ଷର କରିବାର ରହିଛି କାର୍ଯ୍ୟକ୍ରମ। ଆଇଓସିଏଲ, ପାଟ୍ରୋନେଟ୍ ଏଲଏନଜି ଏବଂ ଇଣ୍ଡିଆନ ଷ୍ଟ୍ରାଟେଜିକ୍ ପେଟ୍ରୋକେମିକାଲ ରିଜର୍ଭସ ଆଦି କମ୍ପାନୀ ସହ ଚୁକ୍ତିପତ୍ର ସ୍ୱାକ୍ଷର କରିବାର କାର୍ଯ୍ୟକ୍ରମ ରହିଛି।

## ସୁନ୍ଦରଗଡ଼ ଖଣି ଚୋରି ଘଟଣା: ତତ୍କାଳୀନ ହେମଗିରି ତହସିଲଦାରଙ୍କୁ କାରଣ ଦର୍ଶାଅ ନୋଟିସ

ସୁନ୍ଦରଗଡ଼: ସୁନ୍ଦରଗଡ଼ ଖଣି ଚୋରି ଘଟଣାରେ ତତ୍କାଳୀନ ହେମଗିରି ତହସିଲଦାରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ତତ୍କାଳୀନ ହେମଗିରି ତହସିଲଦାର ଲାବଣ୍ୟେନ୍ଦୁ ମହାନ୍ତିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ସୁନ୍ଦରଗଡ଼ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ । ୩ ଦିନ ମଧ୍ୟରେ କାରଣ ଦର୍ଶାଇବା ପାଇଁ ତାଙ୍କୁ କୁହାଯାଇଛି। ସୁନ୍ଦରଗଡ଼ ଖଣି ଚୋରି ଘଟଣାରେ ତତ୍କାଳୀନ ହେମଗିରି ତହସିଲଦାର ଲାବଣ୍ୟେନ୍ଦୁ ମହାନ୍ତିଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ସୁନ୍ଦରଗଡ଼ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ । ୩ ଦିନ ମଧ୍ୟରେ କାରଣ ଦର୍ଶାଇବା ପାଇଁ ତାଙ୍କୁ କୁହାଯାଇଛି ।ଜାଣିଶୁଣି ଚୋରା ଖଣି ର ତଥ୍ୟ ଲୁଚାଇବା ଓ ଉପରିସ୍ଥ ଅଧିକାରୀଙ୍କୁ ନଜଣାଇବା କି ଏହି ଘଟଣା ରେ କୌଣସି କାର୍ଯ୍ୟାନୁଷ୍ଠାନ ନନେବା ଭଳି ସାଙ୍ଘାତିକ ଅଭିଯୋଗର କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ଜିଲ୍ଲାପାଳ। ତାଙ୍କ ଭୁଲ ପାଇଁ ସରକାରଙ୍କ ବହୁ ରାଜସ୍ୱହାନି ହେବା ସହ କୋଇଲା ଚୋରି ହୋଇଛି । ତାଙ୍କ ବିରୁଦ୍ଧରେ କାହିଁକି ରୁଲ- ୧୫ ଓସିଏସ ( ସିସିଏ) ଲାଗୁ ନହେବ ସେ ନେଇ ୩ ଦିନ ମଧ୍ୟରେ କାରଣ ଦର୍ଶାଇବା ପାଇଁ ଏହି ଚିଠିରେ କୁହାଯାଇଛି। ୩ ଦିନ ମଧ୍ୟରେ ସଠିକ ଉତ୍ତର ନରଖିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରହିଛି ଶୋ କଜ୍ ନୋଟିସରେ ଉଲ୍ଲେଖ ରହିଛି। ଜାଣିଶୁଣି ଚୋରା ଖଣି ର ତଥ୍ୟ ଲୁଚାଇବା ଓ ଉପରିସ୍ଥ ଅଧିକାରୀଙ୍କୁ ନଜଣାଇବା କି ଏହି ଘଟଣା ରେ କୌଣସି କାର୍ଯ୍ୟାନୁଷ୍ଠାନ ନନେବା ଭଳି ସାଙ୍ଘାତିକ ଅଭିଯୋଗର କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ଜିଲ୍ଲାପାଳ। ତାଙ୍କ ଭୁଲ ପାଇଁ ସରକାରଙ୍କ ବହୁ ରାଜସ୍ୱହାନି ହେବା ସହ କୋଇଲା ଚୋରି ହୋଇଛି । ତାଙ୍କ ବିରୁଦ୍ଧରେ କାହିଁକି ରୁଲ- ୧୫ ଓସିଏସ ( ସିସିଏ) ଲାଗୁ ନହେବ ସେ ନେଇ ୩ ଦିନ ମଧ୍ୟରେ କାରଣ ଦର୍ଶାଇବା ପାଇଁ ଏହି ଚିଠିରେ କୁହାଯାଇଛି। ୩ ଦିନ ମଧ୍ୟରେ ସଠିକ ଉତ୍ତର ନରଖିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରହିଛି ଶୋ କଜ୍ ନୋଟିସରେ ଉଲ୍ଲେଖ ରହିଛି।

## ପୁରୀ ରଥଯାତ୍ରା ପାଇଁ କାଠ ଚିରୋଟ ଅନୁକୂଳ: ମହାପ୍ରଭୁଙ୍କ ଆଜ୍ଞାମାଳ ଧରି ପହଞ୍ଚିଲେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ



କଟକ-ବିଦ୍ୟାଧରପୁର: ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପାଇଁ ନୟାଗଡ଼ ବନଖଣ୍ଡରୁ ଆସିଥିବା କାଠ କଟକ ଖପୁରିଆସ୍ଥିତ ସରକାରୀ କରତକଳରେ ଚିରୋଟ ଅନୁକୂଳ ହୋଇଛି। ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଆଜ୍ଞାମାଳ ନେଇ ମୁଖ୍ୟ ପ୍ରଶାସକ ଡ.ଅରବିନ୍ଦ ପାଢ଼ୀଙ୍କ ନେତୃତ୍ୱରେ ତତ୍ତ୍ୱାବଧାରକ ଉଗ୍ରସେନ ମେକାପ, ରଥ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବୀନ୍ଦ୍ର ଭୋଇ, ଜେଟିପି ବେଣୁଧର ମହାରଣା, ଅନାଦି ସ୍ୱାଇଁ ପ୍ରମୁଖ ଆଜି ଅପରାହ୍ନ ୧ଟା ୩୦ ମିନିଟ ସମୟରେ ଖପୁରିଆ କରତକଳରେ ପହଞ୍ଚିଥିଲେ। ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ନୂଆପଡ଼ା ଜୟ ଜଗନ୍ନାଥ ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟମାନେ ଝାଞ୍ଜ ମୃଦଙ୍ଗ ବଜାଇ ଆଗନ୍ତୁକଙ୍କୁ ପାଛୋଟି ନେଇଥିଲେ। ରଥ ଅମିନ ଲକ୍ଷ୍ମଣ ମହାପାତ୍ର ୩ଟି ଧଉରା କାଠରେ ଆଜ୍ଞାମାଳ ରଖିବା ସହ ବେଦମନ୍ତ୍ର ଉଚ୍ଚାରଣ କରି କାଠ ଚିରୋଟ ଅନୁକୂଳ କରିଥିଲେ। ଖପୁରିଆ ଖଣ୍ଡୀୟ ପରିଚାଳକ ରୁଦ୍ରମଣି ସାହୁଙ୍କ ତତ୍ତ୍ୱାବଧାନରେ ୧୨ ଫୁଟ ଲମ୍ବ, ୨୨.୧୮ ଘନଫୁଟ ଓ ୩ ଫୁଟ ଗୋଲେଇର ୩ଟି ଧଉରା କାଠ ଚିରୋଟ ଅନୁକୂଳ ହୋଇଥିଲା। ଏଠାରେ ମହାପ୍ରଭୁଙ୍କ ରଥ ପାଇଁ ୯ ହଜାର ୫ ଶହ ଘନଫୁଟ କାଠ ଚିରୋଟ ହେବ ବୋଲି କରତକଳର ସୁପରଭାଇଜର ଶରତ ପାଇକରାୟ, ଉପଖଣ୍ଡୀୟ ଅଧିକାରୀ ଅଭିରାମ ଜେନା, ଜିତେନ୍ଦ୍ର ଦାସ ପ୍ରମୁଖ କହିଛନ୍ତି। ୨୦୦୫ ମସିହାରୁ ଏଠାରେ କାଠ ଚିରୋଟ ହୋଇ ଆସୁଛି। ଆସନ୍ତା ଦୁଇ ମାସ ପର୍ଯ୍ୟନ୍ତ ଖୋର୍ଦ୍ଧା ଓ ନୟାଗଡ଼ରୁ କାଠ ଆସି ଏଠାରେ ଚିରୋଟ ହେବ। ବନଖଣ୍ଡରେ ଫାସି କାଠ ଅଭାବ ଥିବାରୁ ଭକ୍ତମାନେ ନିଜ ବାଡିରୁ ଫାସି ଗଛ କାଟି ମହାପ୍ରଭୁଙ୍କ ପାଇଁ ଦେଉଛନ୍ତି ବୋଲି ସୁପରଭାଇଜର ଶରତ ପାଇକରାୟ କହିଛନ୍ତି। କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ଇଂ.ପ୍ରକାଶ ଚନ୍ଦ୍ର ସେଠୀ, ସିଏମ୍‌ସି ୫୧ ନଂ ୱାର୍ଡ କର୍ପୋରେଟର ରାକେଶ କୁମାର ସ୍ୱାଇଁ, ୫୦ ନଂ ୱାର୍ଡ କର୍ପୋରେଟର ସନ୍ତୋଷ କୁମାର ଭୋଳ, ମହାନଦୀବିହାର ବନଖଣ୍ଡ ରେଞ୍ଜର ଶର୍ମିଳା ନାୟକ, ବନପାଳ ସୂର୍ଯ୍ୟକାନ୍ତ ସାହୁ, ଭାସ୍କର ଚନ୍ଦ୍ର ମହାରଣା, ସନ୍ଦୀପ ଆଚାର୍ଯ୍ୟ, ପୂର୍ବତନ କର୍ପୋରେଟର କୈଳାସ ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ।

## ନକ୍ସଲଗଡ଼ରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ: ଆତ୍ମସମର୍ପଣ କର, ନଚେତ୍ ଦୃଢ଼ କାର୍ଯ୍ୟାନୁଷ୍ଠାନ

ମାଲକାନଗିରି: ମାଲକାନଗିରି ସୀମାନ୍ତ ଛତିଶଗଡ଼ର ଦନ୍ତେୱାଡ଼ା ଗସ୍ତରେ ଆସି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଆଦିବାସୀଙ୍କ ଲୋକ ମହୋତ୍ସବ 'ବସ୍ତର ପାଣ୍ଡୁମ' କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏହି ମହୋତ୍ସବକୁ ଜାତୀୟସ୍ତରର ମହୋତ୍ସବରେ ପରିଣତ କରିବାକୁ ଶ୍ରୀ ଶାହ ଘୋଷଣା କରିଛନ୍ତି। ମଞ୍ଚରେ ନିଜ ବକ୍ତବ୍ୟରେ ଶାହ ନକ୍ସଲଙ୍କୁ ସିଧାସଳଖ ଟାର୍ଗେଟ୍? କରିଥିଲେ। କହିଥିଲେ, ଆତ୍ମସମର୍ପଣ କର ଓ ବନ୍ଧୁକ ଛାଡ଼। ସରକାରଙ୍କ ସମସ୍ତ ସୁବିଧା ପାଅ। ନଚେତ୍ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ। ଏଥି ସହିତ ନକ୍ସଲ ମୁକ୍ତ ଗାଁଗୁଡ଼ିକୁ ୧ କୋଟି ଟଙ୍କାର ସହାୟତା ଯୋଗାଇ ଦେବା ପାଇଁ ଶାହ ଘୋଷଣା କରିଥିଲେ। ୨୦୨୬ ମାର୍ଚ୍ଚ ସୁଦ୍ଧା ଛତିଶଗଡ଼କୁ ମାଓ ମୁକ୍ତ କରିବା ପାଇଁ ଘୋଷଣା କରିଛନ୍ତି କେନ୍ଦ୍ର ସରକାର। ମାଓ ଦମନ ଅଭିଯାନରେ ବ୍ୟାପକ ଫୋର୍ସ ମୁତୟନ ସହ ବିକାଶମୂଳକ କାର୍ଯ୍ୟକୁ ଗୁରୁତ୍ୱ ଦେଉଛନ୍ତି ସରକାର। ଗ୍ରାମର ବିକାଶରେ ଛତିଶଗଡ଼ ପରିଚୟ ବଦଳିବ ବୋଲି ସେ କହିଥିଲେ। ନକ୍ସଲ ବନ୍ଧୁକ ଛାଡ଼ିଲେ ସମ୍ମାନର ସହ ମୁଖ୍ୟଧାରାରେ ସେମାନଙ୍କୁ



ଜଡ଼ିତ କରାଯିବ। ଆଦିବାସୀଙ୍କ ବିକାଶକୁ ସରକାର ସବୁବେଳେ ଗୁରୁତ୍ୱ ଦେଉଛନ୍ତି ବୋଲି ସେ କହିବା ସହ ବିଭିନ୍ନ ଉଦାହରଣ ଦେଇ ?ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ରାଷ୍ଟ୍ରପତି ପଦବିରେ ଜଣେ ଆଦିବାସୀ ନେତ୍ରୀ ଅଛନ୍ତି। ଓଡ଼ିଶା ଏବଂ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ମଧ୍ୟ ଆଦିବାସୀ ସମ୍ପ୍ରଦାୟର। ନକ୍ସଲଙ୍କ ଶାନ୍ତି ପ୍ରସ୍ତାବ ଉପରେ ସେ କୌଣସି ଟିପ୍ପଣୀ ରଖିନଥିଲେ। ତୁରନ୍ତ ଆତ୍ମସମର୍ପଣ କରି ବାକି ଜୀବନ ସୁଖରେ କଟାନ୍ତୁ ବୋଲି ଶାହ ନକ୍ସଲଙ୍କୁ ଆହ୍ୱାନ ଦେଇଛନ୍ତି।

CMYK

## ବଜ୍ରପାତ ନିରୋଧ ବ୍ୟବସ୍ଥା: ଲିଙ୍ଗରାଜ ମନ୍ଦିରରେ ଲାଗିଲା, ମୁକ୍ତେଶ୍ୱରରୁ ତାଡ଼ିନେଲେ

ପୁରୁଣା ଭୁବନେଶ୍ୱର: ଶ୍ରୀଲିଙ୍ଗରାଜ ମନ୍ଦିରରେ ଶକ୍ତିଶାଳୀ ଆର୍ଥିଂ ବ୍ୟବସ୍ଥା କରିବାକୁ ଦୀର୍ଘ ଦିନ ଧରି ଦାବି ହୋଇଆସୁଥିଲା। କେନ୍ଦ୍ର ପୁରାତତ୍ତ୍ୱ ବିଭାଗ(ଏଏସ୍ଆଇ)ର ଉଦାସୀନତାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଆଜି ଏଏସ୍ଆଇ ଏହି କାମ ଶେଷ କରିଛି। ଲିଙ୍ଗରାଜ ମନ୍ଦିର ଦଧିନଉତିରେ ଆର୍ଥିଂ ଆରେଷ୍ଟର(ବଜ୍ରପାତ ନିରୋଧ ବ୍ୟବସ୍ଥା) ଲଗାଯାଇଛି। କିନ୍ତୁ ପରିତାପର କଥା ଗୋଟିଏ ପଟେ ଲିଙ୍ଗରାଜ ମନ୍ଦିରରେ ଦୃଢ଼ ଆର୍ଥିଂ ବ୍ୟବସ୍ଥା କରାଯାଇଥିବା ବେଳେ ମୁକ୍ତେଶ୍ୱର ମନ୍ଦିରରୁ ଦୁର୍ବୃତ୍ତମାନେ ଆର୍ଥିଂ ତାଡ଼ି ନେଇଥିବା ଜଣାପଡ଼ିଛି। ସୁରକ୍ଷା ବ୍ୟବସ୍ଥା ଥାଇ ମଧ ଆର୍ଥିଂ କିଭଳି ତାଡ଼ି ନିଆଗଲା, ତାହାକୁ ନେଇ ସନ୍ଦେହ ବଢ଼ିଛି। ପୁଲିସ ଉପଯୁକ୍ତ ତଦନ୍ତ କଲେ, ଆର୍ଥିଂ ଚୋର ଧରାପଡ଼ିବେ ବୋଲି ଦାବି ହୋଇଛି।



କେନ୍ଦ୍ର ପୁରାତତ୍ତ୍ୱ ବିଭାଗ(ଏଏସ୍ଆଇ) ପକ୍ଷରୁ ପୁରାତନ ଶୈଳୀରେ ଆର୍ଥିଂ କାମ କରାଯାଇଛି। ୪ଟି ନୂତନ ତାର ମନ୍ଦିର ଚୂଡ଼ାକୁ ନିଆଯାଇଛି। ମନ୍ଦିର ଦଧିନଉତି ଉପରେ ଚାରିପଟେ ଓ ମନ୍ଦିର ପତାକା ନିକଟରେ ଆର୍ଥିଂ ଆରେଷ୍ଟର(ବଜ୍ରପାତ ନିରୋଧ ବ୍ୟବସ୍ଥା) କରାଯାଇଛି। ମନ୍ଦିର ପରିସରରୁ ପାର୍ବତୀ ମନ୍ଦିର ପଛପଟୁ ଓ ହସ୍ପିଟାଲ୍ ପାର୍ଶ୍ୱରୁ ସ୍ୱତନ୍ତ୍ର ଭାବେ ୧୫ଫୁଟ୍ ମାଟି ଖୋଳାଯାଇ ଆର୍ଥିଂ ପୋତାଯାଇଛି। ପୁରୁଣା ଆର୍ଥିଂ ରହିଛି ଏବଂ ତା' ସହ ପୁଣି ୪ଟି ଆର୍ଥିଂ ତାର ମନ୍ଦିର ଚୂଳକୁ ନିଆଯାଇ ସେଠାରେ ଦଧିନଉତି ଚାରିପଟେ ବୁଲାଯାଇଛି। ଏଏସ୍ଆଇ ଭୁବନେଶ୍ୱର ସଂଗ୍ରାହାଧୀକ୍ଷକ କୁହନ୍ତି ଯେ ଲିଙ୍ଗରାଜ ମନ୍ଦିରରେ ପୁରାତନ ସ୍ଵାଇଜ୍ ପଦ୍ଧତିରେ ଆର୍ଥିଂ କରାଯାଇଛି। କେନ୍ଦ୍ରୀୟ ଅନୁଦାନରେ ଏଏସ୍ଆଇ ଏହି କାମ କରିଛି। ତେଣୁ ଏଣିକି ମନ୍ଦିରକୁ ବଜ୍ରପାତ ଭୟ ନାହିଁ। ପ୍ରକାଶ ଥାଉକି ୨୦୨୩ ସେପ୍ଟେମ୍ବର ୧ ଅପରାହ୍ଣରେ ପ୍ରବଳ ଘଡ଼ଘଡି ଓ ବର୍ଷା ହୋଇଥିଲା। ଏହି ସମୟରେ ବଜ୍ରପାତ ମାଡ଼ରେ ଲିଙ୍ଗରାଜ ମନ୍ଦିର ଭିତରେ କୋକୁଆ ଭୟ ଖେଳିଯାଇଥିଲା। ବଜ୍ରପାତ ଯୋଗୁ ସର୍ଟସର୍କିଟ୍ ହୋଇ ମନ୍ଦିରର ଭୋଗମଣ୍ଡପ, ପାର୍ବତୀ ମନ୍ଦିର, ଭୁବନେଶ୍ୱରୀ ମନ୍ଦିର ସମେତ ବିଭିନ୍ନ ମନ୍ଦିରରେ ବିଦ୍ୟୁତ୍ କଟି ଯାଇଥିଲା। ସେବେଠୁ ଏହି ମନ୍ଦିରରେ ଦୃଢ଼ ଆର୍ଥିଂ ବ୍ୟବସ୍ଥା କରିବାକୁ ସେବାୟତମାନେ ଦାବି କରିଆସୁଥିଲେ। ଏଣେ ମୁକ୍ତେଶ୍ୱର ମନ୍ଦିରରୁ ଦୁର୍ବୃର୍ତ୍ତମାନେ ଆର୍ଥିଂ ତାଡ଼ି ନେଇଥିବା ଜଣାପଡ଼ିଛି। ମନ୍ଦିର ରାହା ପାଖରୁ ଭୂମି ଆରମ୍ଭ ପର୍ଯ୍ୟନ୍ତ ପ୍ରାୟ ୧୨ଫୁଟ୍ର ଆର୍ଥିଂକୁ ତାଡ଼ି ଦୁର୍ବୃତ୍ତମାନେ ନେଇଯାଇଛନ୍ତି। ଏଠାକୁ ବହୁ ପର୍ଯ୍ୟଟକ ଆସୁଥିବାରୁ କେନ୍ଦ୍ର ପୁରାତତ୍ତ୍ୱ ବିଭାଗ(ଏଏସ୍ଆଇ) ପକ୍ଷରୁ ଏକ ଘରୋଇ ସିକ୍ୟୁରିଟି ସଂସ୍ଥାକୁ ଏଠାରେ ନିୟୋଜିତ କରାଯାଇଛି। ଉକ୍ତ ସଂସ୍ଥାର କର୍ମଚାରୀମାନେ ସେଠାରେ ୨୪ଘଣ୍ଟିଆ ଡ୍ୟୁଟି କରୁଛନ୍ତି। ଅଥଚ ଆର୍ଥିଂ ତାର ଚୋରି ହୋଇଛି। ୨୦୧୯ ମସିହାରେ ଦୁର୍ବୃର୍ତ୍ତମାନେ ଜମେଶ୍ୱର ମନ୍ଦିର, ଶୁକଶାରୀ ମନ୍ଦିର, ଅନନ୍ତବାସୁଦେବ ମନ୍ଦିର, ମୈତ୍ରେଶ୍ୱର ମନ୍ଦିର ଓ ମକରେଶ୍ୱର ମନ୍ଦିରର ଆର୍ଥିଂ ଚୋରି କରି ନେଇଥିଲେ। ଏଏସ୍ଆଇ ପକ୍ଷରୁ ଏନେଇ ଥାନାରେ ଅଭିଯୋଗ କରାଯାଇଥିଲା। ହେଲେ କାହାରିକୁ ଗିରଫ କରାଯାଇ ପାରିନାହିଁ।

## ମାନସ ହତ୍ୟା ମାମଲା: ଧରାପଡ଼ିଲା ଅଭି ବାଘସିଂ

ଜଟଣୀ: ବହୁ ଚର୍ଚ୍ଚିତ ମାନସ ଦଳେଇ ହତ୍ୟା ମାମଲାରେ ଜଟଣୀ ଥାନା ପୁଲିସ ଅନ୍ୟତମ ମୁଖ୍ୟ ଅଭିଯୁକ୍ତକୁ କରିଛି। ଗତକାଲି ରାତିରେ ଖୋର୍ଦ୍ଧା ମଳିପଡ଼ାରୁ ଧରାପଡ଼ିଥିବା ଅଭିଯୁକ୍ତ ହେଲା ଜଟଣୀ ଉପରବସ୍ତ ମୁଣ୍ଡଳୀସାହିର ଅଭିରାମ ବାଘସିଂ(୨୮)। ପୁଲିସ ତା' ନିକଟରୁ ହତ୍ୟାରେ ବ୍ୟବହୃତ ଖଣ୍ଡା ଜବତ କରିଛି। କିନ୍ତୁ ଅଭିରାମର ୨ ବଡ଼ ଭାଇ ଏବେ ବି ପୁଲିସ ପାଇଁ ଅପହଞ୍ଚ ହୋଇ ରହିଛନ୍ତି। ଘଟଣାଦିନ ରାତିରେ ଯେଉଁ ୭/୮ଜଣ ମାନସଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ, ସେମାନଙ୍କ ନେତୃତ୍ୱ ନେଇଥଲେ ଅଭିରାମ ଓ ତା'ର ୨ ବଡ଼ ଭାଇ। ଆଜି ପୁଲିସ ଅଭିରାମକୁ କୋର୍ଟ ଚାଲାଣ କରିଛି ଏବଂ ଅନ୍ୟମାନଙ୍କୁ ଖୋଜୁଛି।



ଘଟଣା ଦିନ ରାତିରୁ ହିଁ ହତ୍ୟାକାରୀଙ୍କ ବାବଦରେ ପୁଲିସକୁ ସବୁ ସୂଚନା ମିଳିସାରିଥିଲା। ଲଘୁ ଖଣିଜ ଚୋରା ଚାଲାଣ କରୁଥିବା ବାଘସିଂ ଭାଇମାନେ ହିଁ ସେମାନଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ମାନସକୁ ସବୁଦିନ ପାଇଁ ରାସ୍ତାରୁ ହଟାଇଛନ୍ତି ବୋଲି ପୁଲିସକୁ ସୂଚନା ମିଳିସାରିଥିଲା। ଆକ୍ରମଣ ହେଉଥିବା ବେଳେ ଘଟଣାସ୍ଥଳରୁ ଖସି ପଳାଇଥିବା ମାନସଙ୍କ ୨ ସହଯୋଗୀ ହିଁ ପ୍ରତ୍ୟକ୍ଷଦର୍ଶୀ ହିସାବରେ ପୁଲିସକୁ ହତ୍ୟାକାରୀମାନଙ୍କ ବିଷୟରେ କହିଥିଲେ। କିନ୍ତୁ ବାଘସିଂ ଭାଇମାନେ ଫେରାର୍ ହୋଇଯାଇଥିଲେ। ଘଟଣାପରଠୁ ପୁଲିସ ୩ ଭାଇଙ୍କ ମୋବାଇଲ ଟ୍ରାକ୍ କରୁଥିଲା। ଏମିତିକି ସେମାନଙ୍କ ବନ୍ଧୁବାନ୍ଧବ ଓ ସମ୍ପର୍କୀୟଙ୍କ ଘର ଉପରେ ପୁଲିସ ନଜର ରଖିଥିଲା। ଗତକାଲି ଅଭିରାମ ମଳିପଡ଼ାରେ ଲୁଚିଥିବା ଖବର ପାଇ ପୁଲିସ ସେଠାରେ ଚଢ଼ଉ କରିଥିଲା। ଆଜି ସକାଳେ ସେ ଲୁଚାଇଥିବା ଜାଗାକୁ ନେଇ ପୁଲିସକୁ ଖଣ୍ଡା ଦେଖାଇଥିଲା। ମୋରମ୍, ମାଟି ଓ ମାଙ୍କଡ଼ା ପଥର ଭଳି ଲଘୁ ଖଣିଜ ଚୋରା ଚାଲାଣ ପ୍ରତିଯୋଗିତାକୁ ନେଇ ଏହି ହତ୍ୟାକାଣ୍ଡ ଘଟିଛି ବୋଲି ଜଣାପଡ଼ିଛି। ଉଭୟ ମାନସ ଓ ବାଘସିଂ ଭାଇମାନେ ଏହି ବେପାରରେ ସମ୍ପୃକ୍ତ ଥିଲେ ଏବଂ ସେମାନଙ୍କ ଭିତରେ ପ୍ରତିଦ୍ୱନ୍ଦ୍ୱିତା ଲାଗିରହିଥିଲା।

ମାନସର ଘର ବିକାଶନଗର ଓ ବାଘସିଂ ଭାଇମାନଙ୍କ ଘର ବିକାଶନଗର ନିକଟ ଉପରବସ୍ତରେ। ତେଣୁ ଉଭୟେ ସ୍ଥାନୀୟ ହୋଇଥିବାରୁ କେହି କାହାକୁ ବଳେଇଯିବାକୁ ବାଟ ଛାଡୁନଥିଲେ। ମାନସର ଆପରାଧିକ ରେକର୍ଡ ବେଶ୍ ମଜବୁତ ଥିଲା। ଏଥିସହିତ ତାକୁ ରାଜନୈତିକ ପୃଷ୍ଠପୋଷକତା ମିଳୁଥିଲା। ତେଣୁ ବାଘସିଂ ଭାଇମାନେ ତାକୁ ମୁକାବିଲା କରିପାରୁ ନଥିଲେ। ଦିନକୁ ଦିନ ବାଘସିଂ ଭାଇମାନଙ୍କ ବେପାର ମାନ୍ଦା ହେଲା ଏବଂ ମାନସର ବେପାର ବଢ଼ିବଢ଼ି ଚାଲିଲା। ତେଣୁ ମାନସକୁ ହତ୍ୟା କରିବାକୁ ବାଘସିଂ ଭାଇମାନେ ପ୍ରସ୍ତୁତ ହୋଇ ରହିଥିଲେ। ୪ ତାରିଖ ରାତିରେ ଦୁଇ ଗୋଷ୍ଠୀ ଷଣ୍ଢପୁରସ୍ଥିତ ଜଟଣୀ ଆଦର୍ଶ ବିଦ୍ୟାଳୟ ନିକଟରେ ମୁହାଁମୁହିଁ ହୋଇଥିଲେ। କାହା ଗାଡ଼ି ଆଗ ମୋରମ୍ ଉଠାଇବ, ସେନେଇ କଥା କଟାକଟି ହୋଇଥିଲା। ପୂର୍ବରୁ ପ୍ରସ୍ତୁତ ହୋଇଥିବା ବାଘସିଂ ଭାଇମାନେ ଅତର୍କିତ ଭାବେ ମାନସକୁ ଖଣ୍ଡାରେ ହାଣି ପକାଇଥିଲେ।

## ସୈନିକ ସ୍କୁଲ ବଞ୍ଚାଅ ଅଭିଯାନର ଚରମ ନିଷ୍ପତ୍ତି: ଡମ୍ପିଂୟାର୍ଡକୁ ଛଡ଼ାଯିବନି ଅଳିଆ ଗାଡ଼ି

ଚନ୍ଦ୍ରଶେଖରପୁର: ସୈନିକ ସ୍କୁଲ ସ୍ଥାନାନ୍ତର ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଏପର୍ଯ୍ୟନ୍ତ ସ୍ୱଷ୍ଟ ହୋଇନାହିଁ। କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରଣାଳୟ ଓ ସୈନିକ ସ୍କୁଲ କର୍ତ୍ତୃପକ୍ଷ ପ୍ରସ୍ତାବ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ କହି ପୂର୍ବତନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ରାଜ୍ୟ ସରକାରଙ୍କ ମୁଣ୍ଡରୁ ଦୋଷ ଖସାଇବାକୁ ଉଦ୍ୟମ କରିଛନ୍ତି। ମାତ୍ର ଅଞ୍ଚଳବାସୀ ତାହାକୁ ଗ୍ରହଣ କରିବାକୁ ନାରାଜ। କେଉଁ ପରିସ୍ଥିତିରେ ସ୍କୁଲ ସ୍ଥାନାନ୍ତର କରିବାକୁ ରାଜ୍ୟ ସରକାର ପ୍ରସ୍ତାବ ପଠାଇଲେ ତାହାର ଜବାବ ମାଗିବା ସହ ତୁରନ୍ତ ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ଦାବି କରିଛନ୍ତି। ଡମ୍ପିଂୟାର୍ଡ ହଟାଇବା ଏବଂ ସୈନିକ ସ୍କୁଲ ସ୍ଥାନାନ୍ତର ନିଷ୍ପତ୍ତି ବିରୋଧରେ ଆଗାମୀ ଦିନରେ ଜୋରଦାର ଲଢ଼େଇ କରିବାକୁ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ ଆଜି ଚରମ ନିଷ୍ପତ୍ତି ନେଇଛି।



ଓଡ଼ିଶା ଅଭିଭାବକ ମହାସଂଘ, ସୈନିକ ସ୍କୁଲ ପୁରାତନ ଛାତ୍ର ସଂଘ, ଲକ୍ଷ୍ମୀବିହାର ଉନ୍ନୟନ କମିଟି, ଗାଡ଼କଣ ଗ୍ରାମବାସୀ, ସିଟିଜେନ ଫୋରମ୍, ଭିଏସ୍ଏସ୍ନଗର ଉନ୍ନୟନ କମିଟି ସଦସ୍ୟଙ୍କୁ ନେଇ ଗଠିତ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଅନୁଷ୍ଠିତ ହୋଇଛି। ଏଥିରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଗଳିକନ୍ଦିରେ ବ୍ୟାନର ଲାଗିବ ଏବଂ ପ୍ରଚାରପତ୍ର ବଣ୍ଟନ ହେବ। ପ୍ରଚାର ଗାଡ଼ି ବୁଲିବ। ବୁଧବାରଠାରୁ ପ୍ରତି କଲୋନି ଓ ନିକଟସ୍ଥ ଗାଁରେ ବୈଠକ କରାଯାଇ ଲୋକଙ୍କୁ ସଙ୍ଗଠିତ କରାଯିବ। ଏହାପରେ ଯଦି ରାଜ୍ୟ ସରକାର ନିଷ୍ପତ୍ତିରୁ ନ ଓହରନ୍ତି ତା' ହେଲେ ୨୦ ତାରିଖଠାରୁ ଡମ୍ପିଂୟାର୍ଡ ଭିତରକୁ ଅଳିଆ ଗାଡ଼ି ଛଡ଼ାଯିବ ନାହିଁ। ଭିଏସ୍ଏସ୍ନଗର, ରେଳ କଲୋନି, ସୈନିକ ସ୍କୁଲ ପ୍ରବେଶ ପଥରେ ଗାଡ଼କଣ, ରଙ୍ଗମାଟିଆ, ଆଦିମାତା କଲୋନି, ଧିରିକୁଟ୍ ବସ୍ତି, ଲକ୍ଷ୍ମୀବିହାର, ଆଚାର୍ଯ୍ୟବିହାର, ଭିଏସଏସନଗର, ଡମଣା, ବାଣୀବିହାର ଅଞ୍ଚଳର ମୁରବି ଓ ବୁଦ୍ଧିଜୀବୀ ସାମିଲ ହୋଇ ବିରୋଧ କରିବେ।

ସଦସ୍ୟମାନେ କହିଛନ୍ତି ଯେ ସୈନିକ ସ୍କୁଲ ଏହି ଅଞ୍ଚଳର ଗୌରବ। ୧୯୬୪ରେ ପ୍ରତିଷ୍ଠା ହୋଇଥିବା ଏହି ସ୍କୁଲ ଦେଶର ସୁରକ୍ଷା ଓ ଉନ୍ନତି ପାଇଁ ଅନେକ ସେନାଧିକାରୀ, ଆଇଏଏସ, ଆଇପିଏସ, ଆଇଏଫଏସ୍, ରାଜନେତା ଏଠାରୁ ସୃଷ୍ଟି ହୋଇଛନ୍ତି। ଏବେ ରାସ୍ତା ସମ୍ପ୍ରସାରଣ ଆଳରେ ରାଜ୍ୟ ସରକାର ସୈନିକ ସ୍କୁଲ ସ୍ଥାନାନ୍ତରଣ କରିବାକୁ ନେଇଥିବା ନିଷ୍ପତ୍ତି ପ୍ରତ୍ୟାହାର କରିବାକୁ ମୁଖ୍ୟମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ପ୍ରତିରକ୍ଷା ସଚିବ, ପୂର୍ତ୍ତ ମନ୍ତ୍ରୀ ଓ ସଚିବଙ୍କ ନିକଟରେ ଦାବି କରାଯାଇଛି। ତା'ସତ୍ତ୍ୱେ ମଧ ରାଜ୍ୟ ସରକାର ନିଜ ନିଷ୍ପତ୍ତିରୁ ଓହରି ନାହାନ୍ତି। ଅତ୍ୟାଧୁନିକ ଜ୍ଞାନ କୌଶଳ ଯୁଗରେ ଏଥିପାଇଁ ଓଭରବ୍ରିଜ୍ ଭଳି ଅନେକ ବିକଳ୍ପ ବ୍ୟବସ୍ଥା ରହିଛି। ତାହା ନ କରି ସୈନିକ ସ୍କୁଲକୁ ସ୍ଥାନାନ୍ତର କରାଯିବା ଆଦୌ ଗ୍ରହଣୀୟ ନୁହେଁ। ଅଳିଆ ଗଦା ଯୋଗୁ ଅଞ୍ଚଳବାସୀଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଲାଣି। ଅନେକ ଦୂରାରୋଗ୍ୟ ବ୍ୟାପିବା ସହ ଦୁର୍ଗନ୍ଧରେ ସାରା ଅଞ୍ଚଳ ଫାଟିପଡୁଛି। ତାହାର ସମାଧାନ ପରିବର୍ତ୍ତେ ବଡ଼ ବଡ଼ ସେଡ୍ କରି ନୂଆ ମେସିନ୍ ବସାଇ ସମ୍ପ୍ରସାରଣ କରାଯାଉଛି। ଏହାକୁ ଆଦୌ ବରଦାସ୍ତ କରାଯିବ ନାହିଁ ବୋଲି ଭିକ୍ଷାକାରୀ ତ୍ରିପାଠୀ, ସିଦ୍ଧେଶ୍ୱର ନାୟକ, ବାସୁଦେବ ଭଞ୍ଜ, ପ୍ରସନ୍ନ ବିଷୋୟୀ, ଅଶୋକ ପାଇକରାୟ, ଆଶୁତୋଷ ମିଶ୍ର, ଅଶୋକ ବଳବନ୍ତରାୟ, ରଶ୍ମି ରଞ୍ଜନ ପରିଡ଼ା, ଅଶୋକ ପାଲଟାସିଂ, ସମୀର ମହାନ୍ତି, ଉମା ବାରିକ, ପ୍ରତାପ ସାହୁ, ସତ୍ୟ ମହାନ୍ତି, ଗଗନ ପଣ୍ଡା, ସୁବ୍ରତ ସାହୁ, ମେଘନା ମିଶ୍ର ପ୍ରମୁଖ ମତପ୍ରକାଶ କରିଛନ୍ତି।

## ରୋଜଗାର ଯେତିକି, ଖର୍ଚ୍ଚ ସେତିକି




ଭୁବନେଶ୍ୱର: ନନ୍ଦନକାନନ ପ୍ରାଣୀ ଉଦ୍ୟାନରୁ ଲାଭ ମିଳୁନାହିଁ। ବିଭିନ୍ନ ସୂତ୍ରରୁ ଯେତିକି ଟଙ୍କା ଆୟ ହେଉଛି ପାଖାପାଖି ସେତିକି ଖର୍ଚ୍ଚ ହେଉଛି। କର୍ମଚାରୀଙ୍କ ଦରମା ସମେତ ଅନ୍ୟାନ୍ୟ ବାବଦରେ ମାସକୁ ୨ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେଉଛି। ବିଭିନ୍ନ ପ୍ରକାର ସେବା ଓ କାର୍ଯ୍ୟକଳାପ ଦ୍ୱାରା ମାସିକ ହାରାହାରି ୧.୭୭ କୋଟି ଟଙ୍କା ରାଜସ୍ୱ ଆଦାୟ ହେଉଛି। ଉଦ୍ୟାନରେ 'କ' ବର୍ଗରେ ୬ଜଣ, 'ଖ' ବର୍ଗରେ ୫ଜଣ, 'ଗ' ବର୍ଗରେ ୩୫ଜଣ ଓ 'ଘ' ବର୍ଗରେ ୧୦୬ଜଣ ନିଯୁକ୍ତି ପାଇଛନ୍ତି। ଏହି କର୍ମଚାରୀମାନଙ୍କ ଦରମା ବାବଦରେ ମାସକୁ ୬୪.୧୭ ଲକ୍ଷ ଟଙ୍କା ପ୍ରଦାନ କରାଯାଉଛି। ଏହାବ୍ୟତୀତ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନରେ ବାହ୍ୟ ଏଜେନ୍ସିରୁ ୩୯୯ଜଣ, ଓଡ଼ିଶା ଶିଳ୍ପ ସୁରକ୍ଷା ବାହିନୀରୁ ୩୫ ଜଣ, ଅବସରପ୍ରାପ୍ତ ସେନା କର୍ମଚାରୀ ୧୫ଜଣ ଓ ଭୂମି ସମ୍ପଦ ବିଭାଗର ୪୦ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେମାନଙ୍କ ଦରମା ବାବଦରେ ମାସିକ ପ୍ରାୟ ଏକ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ସମ୍ପର୍କରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ବିଧାନସଭାରେ ସୂଚନା ଦେଇଥିଲେ। ମୋଟାମୋଟି ଭାବେ କେବଳ ଦରମା ବାବଦରେ ୧ କୋଟି ୬୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଏହାବ୍ୟତୀତ ଜୀବଜନ୍ତୁଙ୍କ ଖାଦ୍ୟ, ରକ୍ଷଣାବେକ୍ଷଣ ବାବଦରେ ମଧ ଅର୍ଥ ଖର୍ଚ୍ଚ ହେଉଥିବା ଜଣାପଡ଼ିଛି।

ପ୍ରାଣୀ ଉଦ୍ୟାନକୁ ପର୍ଯ୍ୟଟକଙ୍କ ପ୍ରବେଶ ଟିକେଟ୍, ସଫାରି, ବ୍ୟାଟେରି ଚାଳିତ ଯାନବାହନ, ରୋପୱେ, ପିଲାଙ୍କ ପାଇଁ ଟ୍ରେନ୍, ଡଙ୍ଗା ଯାତ୍ରା, ଯାନବାହନ ରହଣି ସ୍ଥଳ, ରେସ୍ତୋରାଁ, ସ୍ମାରକୀ ଦୋକାନ ଓ ଏଟିଏମ୍? କାଉଣ୍ଟର ଫି' ବିକ୍ରୟ ସମେତ ଅନ୍ୟାନ୍ୟ ଉତ୍ସରୁ ମାସିକ ୧.୭୭ କୋଟି ଟଙ୍କା ରାଜସ୍ୱ ସଂଗ୍ରହ ହେଉଛି। ପ୍ରାଣୀ ଉଦ୍ୟାନରେ ଏବେ ୩,୯୮୦ଟି ବନ୍ୟପ୍ରାଣୀ ଅଛନ୍ତି। ସେଥିମଧ୍ୟରୁ ୮୦ ପ୍ରଜାତିର ୧୮୭୨ଟି ବନ୍ୟପ୍ରାଣୀ ରହିଛନ୍ତି। ୫୭ ପ୍ରଜାତିର ୧୭୧୪ଟି ପକ୍ଷୀ ରହିଥିବା ବେଳେ ୩୦ ପ୍ରଜାତିର ୩୭୩ଟି ସରୀସୃପ ଓ ୬ ପ୍ରଜାତିର ୨୧ଟି ଉଭୟଚର ପ୍ରାଣୀ ଅଛନ୍ତି। ସେମାନଙ୍କ ପାଇଁ ମାସିକ ଖାଦ୍ୟ ବାବଦକୁ ୬୬ଲକ୍ଷ ୨୧ହଜାର ୪୧୭ ଟଙ୍କା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ୩ଲକ୍ଷ ୨୫ ହଜାର ଟଙ୍କା ଖର୍ଚ୍ଚ ହେଉଛି। ୨୦୨୩-୨୪ରେ ୨୧କୋଟି ୬୧ ଲକ୍ଷ ୪୬ ହଜାର ୩୮୪ ଟଙ୍କା ଆଦାୟ ହୋଇଥିଲା। ଏଥର ଆୟ ବଢ଼ିଥିବା ପ୍ରାଣୀ ଉଦ୍ୟାନ କର୍ତ୍ତୃପକ୍ଷ କହିଛନ୍ତି।

୨୦୨୪-୨୫ ଆର୍ଥିକ ବର୍ଷରେ ପ୍ରାଣୀ ଉଦ୍ୟାନକୁ ୩୯ଲକ୍ଷ ୫୨ହଜାର ୯୭ଜଣ ପର୍ଯଟକ ବୁଲି ଆସିଥିଲେ। ସମସ୍ତ ଉତ୍ସରୁ ସେମାନଙ୍କଠାରୁ ୨୫.୩୭ କୋଟି ଟଙ୍କା ଆଦାୟ ହୋଇଛି, ଯାହାକି ନନ୍ଦନକାନନ ଇତିହାସରେ ସର୍ବାଧିକ। ମୋଟ ପର୍ଯ୍ୟଟକଙ୍କ ମଧ୍ୟରୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ୩୭ଲକ୍ଷ ୭୧ହଜାର ୯୮୦ଜଣ ଓ ଉଦ୍ଭିଦ ଉଦ୍ୟାନକୁ ୧ଲକ୍ଷ ୮୦ହଜାର ୧୧୭ ପର୍ଯ୍ୟଟକ ପରିଦର୍ଶନ କରିଛନ୍ତି। ପର୍ଯ୍ୟଟକଙ୍କ ମଧ୍ୟରେ ବୟସ୍କଙ୍କ ସଂଖ୍ୟା ୩୨ ଲକ୍ଷ, ଶିଶୁଙ୍କ ସଂଖ୍ୟା ୭ ଲକ୍ଷ ଓ ୭୯୩ ଜଣ ବିଦେଶୀ ପର୍ଯ୍ୟଟକ ରହିଥିଲେ। ପ୍ରବେଶ ଶୁଳ୍କ, କ୍ୟାମେରା ଓ ପାର୍କିଂ ବାବଦରୁ ୧୬.୩୫ କୋଟି, ଆଉଟ୍?ସୋର୍ସିଂ ସୁବିଧାରୁ ୫.୮୭ କୋଟି ଟଙ୍କା ଆଦାୟ ହୋଇଥିବା ସୂଚନା ମିଳିଛି। ଜୀବଜନ୍ତୁ ପୋଷ୍ୟ ବାବଦକୁ ୩.୧୫ କୋଟି ଟଙ୍କା ଆଦାୟ ହୋଇଥିବା ନନ୍ଦନକାନନ କର୍ତ୍ତୃପକ୍ଷ ଜଣାଇଛନ୍ତି।

# ହୁଳହୁଳି ଓ ଘଣ୍ଟ ବାଦ୍ୟରେ ପ୍ରକମ୍ପିତ ୟୁନିଟ୍-୩ ରାମମନ୍ଦିର





ଭୁବନେଶ୍ୱର: ଜୟ ଶ୍ରୀରାମ ଧ୍ୱନି ସହିତ ହୁଳହୁଳି ଓ ଘଣ୍ଟ ବାଦ୍ୟରେ ପ୍ରକମ୍ପିତ ହୋଇଥିଲା ୟୁନିଟ୍-୩ ରାମମନ୍ଦିର। ମନ୍ଦିର ପରିସରରେ ଭାବ, ଭକ୍ତି ଓ ସମର୍ପଣର ଅପୂର୍ବ ସଙ୍ଗମ ଦେଖିବାକୁ ମିଳିଥିଲା। କପାଳରେ ରାମ ନାମର ତିଲକ ସହିତ ତୁଣ୍ଡରେ ରାମ ନାମ ଜପି ଉଦୁଉଦିଆ ଖରାରେ ଧାଡ଼ି ଜମାଇଥିଲେ ହଜାର ହଜାର ଶ୍ରଦ୍ଧାଳୁ। ହାତରେ ଭୋଗ ଥାଳି ସହ ଛତା ଧରି ପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତମାନେ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରିଥିଲେ।

ମନ୍ଦିରରେ ପ୍ରାତଃ ସାଢ଼େ ୫ଟାରେ ମଙ୍ଗଳଆଳତି, ସକାଳ ୭ଟାରେ ଶୃଙ୍ଗାରଆଳତି, ପୂର୍ବାହ୍ନ ସାଢ଼େ ୧୧ଟାରେ ଭୋଗ ଲାଗି ହୋଇଥିଲା। ମଧ୍ୟାହ୍ନ ୧୨ଟାରେ ଜନ୍ମ ଆଳତି ବା ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଶହ ଶହ ଭକ୍ତ ସକାଳ ୭ଟାରୁ ଶ୍ରୀରାମ ଚରିତ ମାନସ, ୧୦୮ ହନୁମାନ ଚାଳିଶା, ରାମ ସହସ୍ରନାମ ପାଠ କରିବା ସହିତ ଜଣାଣ, କୀର୍ତ୍ତନ କରି ପ୍ରଭୁଙ୍କ ଆରାଧନା କରିଥିଲେ। କିଛି ଭକ୍ତ ପ୍ରଭୁ ଶ୍ରୀହନୁମାନ ବେଶ ଧାରଣ କରି ପ୍ରଭୁଙ୍କ ଆଶିଷ ଭିକ୍ଷା କରିଥିଲେ।

ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ପୁରୁଷ ଓ ମହିଳାଙ୍କ ପାଇଁ ଭିନ୍ନ ଧାଡ଼ି କରାଯିବ ସହିତ ସ୍ୱେଚ୍ଛାସେବୀମାନଙ୍କୁ ନିୟୋଜିତ କରାଯାଇଥିଲା। ଖରାକୁ ଦୃଷ୍ଟିରେ ରଖି ଛାମୁଣ୍ଡିଆ ବ୍ୟବସ୍ଥା କରାଯିବ ସହିତ ଦମକଳ, ଆମ୍ବୁଲାନ୍ସ, ସ୍ୱାସ୍ଥ୍ୟକେନ୍ଦ୍ର, ସୂଚନା କେନ୍ଦ୍ର ସ୍ଥାପନ କରାଯାଇଥିଲା। ଏହି ଅବସରରେ ସ୍ୱେଚ୍ଛାସେବୀ ସଂଗଠନ ଉତ୍କଳ ଗୋପାଳ ସମାଜ, ଜୟ ଶ୍ରୀରାମ, ଶ୍ରୀପର୍ଶୁରାମ ମିତ୍ର ମଣ୍ଡଳ, ପ୍ରେଷ୍ଟିଜ୍ ରେସିଡେନ୍ସି ସମେତ ବହୁ ସଂଗଠନ ଭକ୍ତମାନଙ୍କୁ ଖେଚୁଡ଼ି, ପଣା, ଖାଦ୍ୟ ପଦାର୍ଥ ଆଦି ବାଣ୍ଟିଥିଲେ। ଅପରାହ୍ନ ପ୍ରାୟ ୪ଟା ୧୫ରେ ପହଡ଼ ଖୋଲିବା ପରେ ଶ୍ରୀରାମ ନାମ, ହୁଳହୁଳି ଦେଇ ପ୍ରଭୁଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟା ପ୍ରାୟ ସାଢ଼େ ୬ଟାରେ ସନ୍ଧ୍ୟା ଆଳତି ଅନୁଷ୍ଠିତ ହୋଇଥିଲା।

ଜୟଦେବବିହାରସ୍ଥିତ ଶ୍ରୀରାମେଶ୍ୱର ମନ୍ଦିରରେ ସକାଳ ୮ଟାରୁ ୧୧ଟା ପର୍ଯ୍ୟନ୍ତ ଶ୍ରୀରାମ ସହସ୍ର ନାମ ପାଠ କରାଯାଇଥିଲା। ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ରାମ ନବମୀ ଉତ୍ସବ ସହିତ ଶ୍ରୀରାମ ଚରିତ ମାନସ ପାଠ କରାଯାଇଥିଲା। ସନ୍ଧ୍ୟାରେ ଶ୍ରୀରାମ ମହିମା, ସତୀଙ୍କ ମୋହ, ଶିବ ପାର୍ବତୀ ଉପାଖ୍ୟାନ ପ୍ରଦର୍ଶିତ ହୋଇଥିଲା। ପ୍ରବକ୍ତା ଭାବେ ପଦ୍ମନାଭ ମହାପାତ୍ର ଯୋଗ ଦେଇଥିଲେ। ଜୟଦେବବିହାର ସାଂସ୍କୃତିକ ଉନ୍ନୟନ ପରିଷଦର ସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବିଶ୍ୱ ହିନ୍ଦୁ ପରିଷଦର ଯୁବା ସଙ୍ଗଠନ ବଜରଙ୍ଗ ଦଳ ପକ୍ଷରୁ ଶ୍ରୀରାମ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାୟ ଦଶ ହଜାରରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ହାତରେ ଗେରୁଆ ପତାକା ଧରି ଜୟ ଶ୍ରୀରାମ ଧ୍ୱନି ଉଚ୍ଚାରଣ ସହିତ ପ୍ରଭୁ ଶ୍ରୀରାମ, ମାତା ସୀତା ଓ ହନୁମାନଙ୍କ ବେଶ ଧାରଣ କରି ଶ୍ରୀରାମ ମନ୍ଦିରରୁ ରାଜମହଲ ଛକ ପର୍ଯ୍ୟନ୍ତ ବିରାଟ ଶୋଭାଯାତ୍ରାରେ ଯାଇଥିଲେ। ବଜରଙ୍ଗ ଦଳର ପ୍ରାନ୍ତ ସଂଯୋଜକ ପ୍ରଭାତ ଭୂଷଣ ତ୍ରିପାଠୀଙ୍କ ନେତୃତ୍ୱରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନର ପ୍ରଦୀପ ମହାନ୍ତି, ଶିବାଶିଷ ମହାପାତ୍ର, ଶୁଭ୍ରାଂଶୁ ଶତପଥୀ, ଶୁଭେନ୍ଦୁ ରାଉତ, ପ୍ରତ୍ୟୁଷ ରାଉତରାୟ, ଅଭିମନ୍ୟୁ ପାଇକରାୟ, ଚିନ୍ମୟ ସାମଲ, ଜ୍ୟୋତି ପ୍ରକାଶ ସ୍ୱାଇଁ ଓ ଦିନବନ୍ଧୁ ଷଡ଼ଙ୍ଗୀ ପ୍ରମୁଖ ସାମିଲ ହୋଇଥିଲେ।

# ତ୍ରିମୂର୍ତ୍ତିଙ୍କୁ ପାଛୋଟିନେଲେ ରାମେଶ୍ୱର: ମାଉସୀ ମା'ରେ ଲାଗିଲା ରୁକୁଣା ରଥ

ପୁରୁଣା ଭୁବନେଶ୍ୱର: ଗତକାଲିଠାରୁ କପାଳି ମଠ ନିକଟରେ ଅଟକିଥିବା ରୁକୁଣା ରଥ ଆଜି ମାଉସୀ ମା'ରେ ପହଞ୍ଚିଛି। ଗତକାଲି ଭଳି ଆଜି ମଧ୍ୟ ଲକ୍ଷାଧିକ ଭକ୍ତଙ୍କ ଭିଡ଼ରେ ରଥଦାଣ୍ଡ ଉଚ୍ଛୁଳିପଡ଼ିଥିଲା। ଭକ୍ତ ଓ ଶ୍ରଦ୍ଧାଳୁମାନେ ରଥକୁ ଟାଣିଟାଣି ମାଉସୀ ମା' ମନ୍ଦିରରେ ଲଗାଇଥିଲେ। ବିଧି ମୁତାବକ ପ୍ରଭୁ ରାମେଶ୍ୱର ରଥାରୂଢ଼ ତ୍ରିମୂର୍ତ୍ତିଙ୍କୁ ପାଛୋଟି ନେଇଥିଲେ। ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସହ ଶ୍ରୀ ଦୋଳଗୋବିନ୍ଦ ଓ ମା ରୁକ୍ମିଣୀ ପ୍ରଭୁ ରାମେଶ୍ୱର ମନ୍ଦିରକୁ ବିଜେ କରିଛନ୍ତି।





ଗତକାଲି ବିଭିନ୍ନ କାରଣରୁ ରଥଟଣା ବିଳମ୍ବିତ ହୋଇଥିଲା। ବିଶେଷକରି ଲିଙ୍ଗରାଜଙ୍କ ମନ୍ଦିର ତିନି ତିନି ଥର ମାରା ହେବାରୁ ନୀତିକାନ୍ତି ବିଳମ୍ବିତ ହୋଇଥିଲା ଏବଂ ପରେପରେ ରଥଟଣା ଡେରିରେ ଆରମ୍ଭ ହୋଇଥିଲା। ତେଣୁ ରଥ କପାଳି ମଠରେ ପହଞ୍ଚିବା ବେଳକୁ ସୂର୍ଯ୍ୟାସ୍ତ ହୋଇଗଲା ଏବଂ ବିଧି ଅନୁସାରେ ରଥଟଣା ବନ୍ଦ କରାଗଲା। ଆଜି ଅପରାହ୍ଣ ୨ଟାରେ ରଥଟଣା ହେବ ବୋଲି ଧାର୍ଯ୍ୟକରାଯାଇଥିଲା। କିନ୍ତୁ ସମସ୍ତ ସେବାୟତମାନେ ଏକାଠି ହେବା ବେଳକୁ ଅପରାହ୍ଣ ୩ଟା ବାଜିଯାଇଥିଲା। ଅପରାହ୍ଣ ୩ଟା୧୦ ମିନିଟ୍ ?ରେ ରଥ ଭିଡ଼ା ହୋଇଥିଲା। ସନ୍ଧ୍ୟା ପ୍ରାୟ ୬ଟାରେ ରଥ ଅସୁଲକିଆରିଠାରେ ପହଞ୍ଚିଥିଲା। ଏତିକିବେଳେ କିଛି ସମୟ ପାଇଁ ରଥକୁ ଅଟକାଇ ମହାପ୍ରଭୁଙ୍କ ଦ୍ୱିପ୍ରହର ଧୂପ କରାଯାଇଥିଲା। ଏହାପରେ ସାମାନ୍ୟ ଅନ୍ଧାର ହୋଇଥିଲେ ହେଁ ଲୋକେ ରଥ ଭିଡ଼ି ସନ୍ଧ୍ୟା ପ୍ରାୟ ୭ଟା୧୫ମିନିଟରେ ରାମେଶ୍ୱର ମନ୍ଦିରରେ ପହଞ୍ଚାଇଥିଲେ।

ଆଜି ରଥଟଣା ବେଳେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ରୁଦ୍ରପ୍ରସାଦ ମହାନ୍ତି ଓ ସେବାୟତମାନେ ସହଯୋଗ କରିଥିଲେ। ଡାହୁକ ବାବୁ ଖୁଣ୍ଟିଆଙ୍କ ବୋଲି ରଥ ଟାଣୁଥିବା ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଉତ୍ସାହିତ କରିଥିଲା। ରଥ ମାଉସୀ ମା'ରେ ଲାଗିବା ପରେ ଚାରାମାଳ ବନ୍ଧା ଯାଇଥିଲା ଏବଂ ପରେପରେ ଠାକୁରଙ୍କୁ ପହଣ୍ଡି କରାଯାଇ ରାମେଶ୍ୱର ମନ୍ଦିରକୁ ନିଆଯାଇଥିଲା। ରାମେଶ୍ୱରଙ୍କ ସହ ବିଗ୍ରହମାନଙ୍କ ଭେଟ ?ଆଳତି କରାଯାଇଥିଲା। ରାତି ପ୍ରାୟ ସାଢ଼େ ୮ଟାରେ ଶ୍ରୀଜିଉ ସିଂହାସନ ବିଜେ କରିଥିଲେ।

ସୂଚନାଯୋଗ୍ୟ ଯେ ଆଜି ସକାଳେ ଶ୍ରୀଲିଙ୍ଗରାଜ ମନ୍ଦିରରେ ମଙ୍ଗଳ ଆଳତି ଓ ଅବକାଶ ନୀତି ପରେ ରଥ ଉପରେ ଶ୍ରୀଜିଉଙ୍କ ମଙ୍ଗଳ ଆଳତି ଓ ଅବକାଶ ନୀତି ସମ୍ପନ୍ନ କରାଯାଇଥିଲା। ପୂର୍ବାହ୍ଣରେ ରଥ ଉପରେ ମହାପ୍ରଭୁଙ୍କ ସ୍ନାନ ବିଧି ସହିତ ବେଶ ଓ ସକାଳ ଧୂପ କରାଯାଇଥିଲା। ସକାଳୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନେ ରଥାରୂଢ଼ ଶ୍ରୀଜିଉଙ୍କୁ ଦର୍ଶନ କରିଥିଲେ।

# ବେହାଲ୍ ଟ୍ରାଫିକ୍, ଅସହାୟ ପୁଲିସ: ଗାଡ଼ି ବଢୁଛି, କର୍ମଚାରୀ ବଢୁନାହାନ୍ତି

ଭୁବନେଶ୍ୱର: ରାଜଧାନୀରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଜଟିଳ ହେବାରେ ଲାଗିଛି। ଗୋଟିଏ ପଟେ ଗାଡ଼ି ସଂଖ୍ୟା ହୁ ହୁ ହୋଇ ବଢୁଥିବା ବେଳେ ରାସ୍ତା ଯେମିତି ଥିଲା ସେମିତି ଅଛି। ଏଣେ ଟ୍ରାଫିକ୍ କର୍ମଚାରୀଙ୍କ ସଂଖ୍ୟା ମଧ୍ୟ ବଢୁନାହିଁ। ଫଳରେ ଟ୍ରାଫିକ୍ ସ୍ଥିତି ବେହାଲ୍ ହୋଇପଡ଼ିଥିବା ବେଳେ ପୁଲିସ ମଧ୍ୟ ଅସହାୟ ହୋଇ ହାତ ଟେକିଦେଇଛି। ୨୦୨୦ରୁ ୨୦୨୪ ମସିହା ପର୍ଯ୍ୟନ୍ତ ରାଜଧାନୀରେ ପ୍ରାୟ ୬ ଲକ୍ଷ ଗାଡ଼ି ପଞ୍ଜୀକୃତ ହୋଇଛି। ଅର୍ଥାତ ରାଜଧାନୀରେ ଗାଡ଼ି ସଂଖ୍ୟା ୬ ଲକ୍ଷ ବଢ଼ିଛି। ୨୦୨୦ ପୂର୍ବରୁ ପ୍ରାୟ ୧୫ ଲକ୍ଷ ଗାଡ଼ି ଗଡୁଥିବା ବେଳେ ଏହି ସଂଖ୍ୟା ଏବେ ୨୦ ଲକ୍ଷରେ ପହଞ୍ଚିଛି। ବିଶେଷଜ୍ଞଙ୍କ କହିବା ଅନୁସାରେ ଭୁବନେଶ୍ୱରରେ ଯେତିକି ରାସ୍ତା ରହିଛି ତାହାର କ୍ଷମତା ୮ ଲକ୍ଷ। କିନ୍ତୁ ରାଜଧାନୀ ରାସ୍ତାରେ ଅଢ଼େଇ ଗୁଣ ଅଧିକ ଗାଡ଼ି ଗଡୁଛି। ଯେଉଁ ରାସ୍ତା ଅଛି ତାହା ମଧ୍ୟ ଦିନକୁ ଦିନ ସଙ୍କୁଚିତ ହୋଇଯାଉଛି।

ସୌନ୍ଦର୍ଯ୍ୟୀକରଣ ନାମରେ ରାଜଧାନୀର ବିଭିନ୍ନ ମୁଖ୍ୟ ରାସ୍ତା ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ୨୦୨୦ ମସିହାରେ ଜନପଥ ଯେତିକି ଚଉଡ଼ା ରହିଥିଲା ତାହା ଏବେ ସଙ୍କୁଚିତ ହୋଇଯାଇଛି। ଏହାବାଦ ବେଆଇନ ପାର୍କିଂ ଏବେ ବଡ଼ ସମସ୍ୟା ହୋଇ ଛିଡ଼ାହୋଇଛି। ଯେତିକି ଗାଡ଼ି ଚାଲିଛି ପାର୍କିଂ ପାଇଁ ଧାର୍ଯ୍ୟ ସ୍ଥାନ ନାହିଁ। ବିଏସ୍ ?ସିଏଲ ପକ୍ଷରୁ ୟୁନିଟ୍-୨ ଓ ସହିଦନଗରରେ ଯେଉଁ ବହୁତଳ ପାର୍କିଂ କରାଯାଇଛି ତାହା ଏହି ବେଆଇନ୍ ପାର୍କିଂକୁ ଅଟକାଇ ପାରିନାହିଁ। ପାର୍କିଂ ବ୍ୟବସ୍ଥା ନଥିବାରୁ ଗାଡ଼ି ରାସ୍ତା ଉପରେ ପାର୍କିଂ ହେଉଛି। ଫଳରେ ରାସ୍ତା ସଙ୍କୁଚିତ ହୋଇଯାଉଛି। ଏହାର ବଡ଼ ଉଦାହରଣ ହେଉଛି କଟକ ରୋଡ, ଜାଗମରା ରାସ୍ତା ଓ ଜୟଦେବବିହାର-ପଟିଆ ରାସ୍ତା। ବେଆଇନ ପାର୍କିଂ ଓ ଅଟୋଷ୍ଟାଣ୍ଡ ପାଇଁ ରାସ୍ତା ସଙ୍କୁଚିତ ହୋଇଯାଉଛି। ଟ୍ରାଫିକ ପୁଲିସ ଗାଡ଼ି ଉଠାଇ ନେଇ ଜରିମାନା କରୁଥିଲେ ମଧ୍ୟ କିଛି ଲାଭ ହେଉନାହିଁ। ୨୦୨୦ ପୂର୍ବରୁ ସହର ଭିତରେ ଯେତିକି ବଡ଼ଗାଡ଼ି ଚାଲୁଥିଲା ତାହାର ସଂଖ୍ୟା ମଧ୍ୟ ବଢ଼ିଗଲାଣି।

ଅନ୍ୟପଟେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଯେତିକି କର୍ମଚାରୀ ଆବଶ୍ୟକ ସେହି ପରିମାଣରୁ ବହୁତ କମ ଅଛନ୍ତି। ୨୦୨୦ ପରଠାରୁ ନୂଆ ପଦ ଅନୁମୋଦିତ ହୋଇନାହିଁ। ଯେତିକି ଅନୁମୋଦିତ ପଦ ଅଛି ସେତିକି ମଧ୍ୟ ପୂରଣ ହୋଇପାରୁନାହିଁ। କନେଷ୍ଟବଳ, ହାବିଲଦାର, ଓଏପିଏଫ୍ ସଂଖ୍ୟା ? ପ୍ରାୟ ୪୦୦ ରହିଛନ୍ତି। ୧୦୦ ପଦବି ଖାଲି ପଡ଼ିଛି। ଅନୁମୋଦିତ ଅଧିକାରୀ ପଦରୁ ୨୦ ଜଣ ଟ୍ରାଫିକ ଅଧିକାରୀ କମ ରହିଛନ୍ତି। ରାଜଧାନୀକୁ ଭିଭିଆଇପି ପରିଦର୍ଶନ ବଢ଼ିଯାଇଛି। ଜାତୀୟ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ସହ କେନ୍ଦ୍ରମନ୍ତ୍ରୀ ଓ ବଡ଼ ନେତା ଗସ୍ତ କରୁଛନ୍ତି। ଏଣୁ ଟ୍ରାଫିକ ନିୟନ୍ତ୍ରଣରେ ପୁଲିସ ନୟାନ୍ତ ହୋଇପଡୁଛି। ନିକଟରେ ବିଏମ୍ସି ଜରିଆରେ ପରିବହନ ବିଭାଗ ୧୦୦ ଜଣ ଟ୍ରାଫିକ ୱାଡେନ୍ ନିୟୋଜିତ କରାଯାଇଛି। କମିସନରେଟ ପୁଲିସ ପକ୍ଷରୁ ୧୦୦ଟି ଟ୍ରାଫିକ ସ୍ୱେଚ୍ଛାସେବୀ ପଦବି ପାଇଁ ବିଜ୍ଞାପନ ଦିଆଯାଇଛି।



ସ୍ଥାନୀୟ ବାସିନ୍ଦା ଶ୍ରୀକାନ୍ତ ବେହେରା କହିଛନ୍ତି, ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଯେତେସବୁ ବ୍ୟବସ୍ଥା ହୋଇଛି ତାହା ଫେଲ୍ ମାରିଛି କିମ୍ବା ଆରମ୍ଭ ହୋଇ ପାରିନାହିଁ। ମେଟ୍ରୋ ପ୍ରକଳ୍ପ ମଧ୍ୟ ଅଟକି ରହିଛି। ମନଇଚ୍ଛା ରାସ୍ତା ଖୋଳାଯାଉଥିବାରୁ ଟ୍ରାଫିକ ଭୁଶୁଡ଼ି ପଡୁଛି। କର୍ମଚାରୀ ବୃଦ୍ଧି କରାଗଲେ ଟ୍ରାଫିକ ସମସ୍ୟା କମିଯିବ। ଟ୍ରାଫିକ ଅଧିକାରୀ କହିଛନ୍ତି, ଯେତିକି କର୍ମଚାରୀ ଅଛନ୍ତି ସେମାନଙ୍କୁ ନେଇ ଟ୍ରାଫିକ ନିୟନ୍ତ୍ରଣ କରାଯାଉଛି। ଆଗକୁ ଆଉ ୧୦୦ ଛାତ୍ରଛାତ୍ରୀ ଯୋଗ ଦେବେ ଭିଡ଼ ସମୟରେ ଦୈନିକ ୩ ଘଣ୍ଟା ଲେଖାଏଁ ସେମାନେ ଟ୍ରାଫିକ ନିୟନ୍ତ୍ରଣ କରିବେ।

# ମହିଳାଙ୍କ ପାଖରେ ୩୯% ବ୍ୟାଙ୍କ ଆକାଉଣ୍ଟ: ଗ୍ରାମାଞ୍ଚଳରେ ୪୨.୨%, ମୋଟ ଜମାରେ ମହିଳାଙ୍କ ଯୋଗଦାନ ୩୯.୭%



ନୂଆଦିଲ୍ଲୀ: ଦେଶରେ ମୋଟ ବ୍ୟାଙ୍କ ଆକାଉଣ୍ଟ୍ ମଧ୍ୟରୁ ୩୯.୨ ପ୍ରତିଶତ ଆକାଉଣ୍ଟ୍ ହେଉଛି ମହିଳାଙ୍କର। ତେବେ ଚକିତ କରିବା ଭଳି ବିଷୟ ହେଲା ଦେଶର ଗ୍ରାମାଞ୍ଚଳରେ ଏହାଠାରୁ ଅଧିକ ଅର୍ଥାତ ୪୨.୨ ପ୍ରତିଶତ ମହିଳାଙ୍କ ପାଖରେ ବ୍ୟାଙ୍କ ଆକାଉଣ୍ଟ୍ ରହିଛି। କେନ୍ଦ୍ର ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରାଳୟର ଓମ୍ୟାନ୍ ଆଣ୍ଡ୍ ମ୍ୟାନ୍ ଇନ୍ ଇଣ୍ଡିଆ ୨୦୨୪: ସିଲେକ୍ଟେଡ୍ ଇଣ୍ଡିକେଟର୍ସ ଆଣ୍ଡ୍ ଡାଟା ଶୀର୍ଷକ ରିପୋର୍ଟର ୨୬ତମ ସଂସ୍କରଣରୁ ଏହା ଜଣାଯାଇଛି। ଦେଶରେ ମୋଟ ଜମାରେ ମହିଳାଙ୍କର ଯୋଗଦାନ ୩୯.୭ ପ୍ରତିଶତ ବୋଲି ରିପୋର୍ଟରେ କୁହାଯାଇଛି।

ଏଥିସହିତ ଦେଶରେ ଡିମାଟ୍ ଆକାଉଣ୍ଟ୍ ସଂଖ୍ୟା ବଢ଼ିବାରେ ଲାଗିଥିବା ଦର୍ଶାଯାଇଛି। ଏଥିଯୋଗୁ ଦେଶରେ ଲୋକମାନେ ଅଧିକରୁ ଅଧିକ ସଂଖ୍ୟାରେ ଷ୍ଟକ୍ ମାର୍କେଟରେ ନିବେଶ କରୁଥିବା ଜଣାଯାଇଛି। ୨୦୨୧ ମାର୍ଚ୍ଚ ୩୧ରୁ ୨୦୨୪ ନଭେମ୍ବର ୩୦ ମଧ୍ୟରେ ଦେଶରେ ମୋଟ ଡିମାଟ୍ ଆକାଉଣ୍ଟ୍ ସଂଖ୍ୟା ୩୩.୨୬ ନିୟୁତରୁ ବୃଦ୍ଧି ପାଇ ୧୪୨.୦୨ ନିୟୁତରେ ପହଞ୍ଚିଛି। ଅର୍ଥାତ୍ ୪ ଗୁଣାରୁ ଅଧିକ ବୃଦ୍ଧି ହୋଇଛି। ପୁରୁଷଙ୍କ ତୁଳନାରେ ମହିଳା ଆକାଉଣ୍ଟଧାରୀଙ୍କ ସଂଖ୍ୟା ସବୁ ସମୟରେ ଅଧିକ ରହିଥିଲେ ମଧ୍ୟ ମହିଳାଙ୍କ ସଂଖ୍ୟା ବୃଦ୍ଧି କ୍ଷେତ୍ରରେ ବର୍ଦ୍ଧିତ ଧାରା ପରିଲକ୍ଷିତ ହୋଇଛି। ବିନିର୍ମାଣ, ବାଣିଜ୍ୟ ଏବଂ ଅନ୍ୟାନ୍ୟ ସେବା କ୍ଷେତ୍ରରେ ମହିଳାଙ୍କ ନେତୃତ୍ୱରେ ସ୍ଥାପନ ହୋଇଥିବା ସଂସ୍ଥା ୨୦୨୧-୨୨, ୨୦୨୨-୨୩ ଏବଂ ୨୦୨୩-୨୪ରେ ବଢ଼ିବାରେ ଲାଗିଛି। ୧୯୫୨ରେ ଦେଶରେ ମୋଟ ଭୋଟରଙ୍କ ସଂଖ୍ୟା ୧୭୩.୨ ନିୟୁତ ରହିଥିବାବେଳେ ୨୦୨୪ରେ ଏହା ୯୭୮ ନିୟୁତକୁ ବୃଦ୍ଧି ପାଇଛି। ମହିଳା ଭୋଟରଙ୍କ ପଞ୍ଜୀକରଣ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ୨୦୧୯ରେ ମହିଳା ଭୋଟରଙ୍କ ମତଦାନ ହାର ୬୭.୨ ପ୍ରତିଶତ ଥିବାବେଳେ ୨୦୨୪ରେ ଏଥିରେ ସାମାନ୍ୟ ହ୍ରାସ ଘଟି ୬୫.୮ ପ୍ରତିଶତ ରହିଛି। ବିଗତ ବର୍ଷଗୁଡ଼ିକ ମଧ୍ୟରେ ଡିପିଆଇଆଇଟି ଦ୍ୱାରା ସ୍ୱୀକୃତିପ୍ରାପ୍ତ ଷ୍ଟାର୍ଟଅପଗୁଡ଼ିକରେ ଅତିକମ୍‌ରେ ଜଣେ ମହିଳା ନିର୍ଦ୍ଦେଶକ ଥିବା ଷ୍ଟାର୍ଟଅପ୍ ସଂଖ୍ୟା ବଢ଼ିଛି। ମହିଳା ଔଦ୍ୟୋଗିକତା କ୍ଷେତ୍ରରେ ସକାରାତ୍ମକ ଧାରାର ଏହା ପ୍ରତିଫଳନ ବୋଲି କୁହାଯାଇ ପାରିବ। ଏପ୍ରକାର ମୋଟ ଷ୍ଟାର୍ଟଅପ୍ ସଂଖ୍ୟା ୨୦୧୭ରେ ୧୯୪୩ ଥିବାବେଳେ ୨୦୨୪ରେ ୧୭,୪୦୫ରେ ପହଞ୍ଚିଛି। ଏହି ରିପୋର୍ଟରୁ ଜନସଂଖ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୀତିରେ ଅଂଶଗ୍ରହଣ ଏବଂ ନିଷ୍ପତ୍ତି ନେବା ଆଦି ଭିନ୍ନ ଭିନ୍ନ କ୍ଷେତ୍ରର ସୂଚନା ମିଳିଛି। ବିଭିନ୍ନ ମନ୍ତ୍ରାଳୟ, ବିଭାଗ ଓ ସଂସ୍ଥାରୁ ସଂଗ୍ରହ ହୋଇଥିବା ତଥ୍ୟ ଆଧାରରେ ଏହା ପ୍ରସ୍ତୁତ କରାଯାଇଛି।

# ୪ ହଜାର କୋଟିର ପ୍ରକଳ୍ପ କାମ ପୁଣି ଘୁଞ୍ଚିଲା: ଆସିବେନି ଇସ୍ପାତ ମନ୍ତ୍ରୀ, ଶିଳାନ୍ୟାସ ବାତିଲ

ରାଉରକେଲା: ୩୦ ହଜାର କୋଟି ଟଙ୍କା ବିନିଯୋଗରେ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ଆଧୁନିକୀକରଣ ଓ ସଂପ୍ରସାରଣ କରାଯିବ। ଏହି କ୍ରମରେ କୋକ୍ ଓଭେନ୍‌ରେ ବ୍ୟାଟେରି-୭ ସ୍ଥାପନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଗତ ଜାନୁଆରି ୨୨ ତାରିଖରେ ଏହି ପ୍ରକଳ୍ପ ପାଇଁ ମୃତ୍ତିକା ପରୀକ୍ଷଣ ଓ ଭୂମିପୂଜନ କରାଯାଇଥିଲା। ତେବେ ଏହି ପ୍ରକଳ୍ପର ଶିଳାନ୍ୟାସ ହୋଇପାରୁନି। ଆସନ୍ତାକାଲି (ସୋମବାର) କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ଦ୍ୱାରା ଏହି ପ୍ରକଳ୍ପର ଶିଳାନ୍ୟାସ ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ତେବେ କେନ୍ଦ୍ରମନ୍ତ୍ରୀଙ୍କ ରାଉରକେଲା ଗସ୍ତ ବାତିଲ ହୋଇଯାଇଛି। ଫଳରେ ଏହି ପ୍ରକଳ୍ପ କାମ ପୁଣି ବିଳମ୍ବିତ ହୋଇଛି। ବୋକାରୋ ଇସ୍ପାତ କାରଖାନାରେ ଅଶାନ୍ତି ଯୋଗୁଁ ମନ୍ତ୍ରୀଙ୍କ ଗସ୍ତ ବାତିଲ କରାଯାଇଥିବା କୁହାଯାଉଛି। ତେବେ ଏ ସଂକ୍ରାନ୍ତରେ ଆନୁଷ୍ଠାନିକ ସୂଚନା ମିଳିପାରିନାହିଁ।

ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ଆର୍‌ଏସ୍‌ପିରେ ୬ଟି ବ୍ୟାଟେରି ରହିଛି। ବ୍ୟାଟେରି-୨ ଗତ ୨୦୧୬ ମାର୍ଚ୍ଚ ମାସରୁ ସଟ୍‌ଡାଉନ ରହିଥିବାବେଳେ ଗତ ସପ୍ତାହରେ ହିଁ ପୁନଃକାର୍ଯ୍ୟକ୍ଷମ ହୋଇଛି। ୧ରୁ ୬ ନମ୍ବର ପର୍ଯ୍ୟନ୍ତ ସମସ୍ତ ବ୍ୟାଟେରି ଟପ୍ ଚାର୍ଜିଂ ବିଶିଷ୍ଟ ହୋଇଥିବା ବେଳେ ବ୍ୟାଟେରି-୭ ହେବ ସଂପୂର୍ଣ୍ଣ ଭିନ୍ନ ଓ ଅତ୍ୟାଧୁନିକ ମାନର। ବ୍ୟାଟେରି-୭ ଷ୍ଟାମ୍ପ୍ ଚାର୍ଜିଂ ବିଶିଷ୍ଟ ହେବ। ବର୍ତ୍ତମାନ କାରଖାନାରେ ଥିବା ସମସ୍ତ ଟପ୍ ଚାର୍ଜିଂ ବ୍ୟାଟେରିରେ ଉପରୁ କୋଇଲା ପୁସିଂ ହେଉଥିବାବେଳେ ଏହି ନୂତନ ବ୍ୟାଟେରିର ପାର୍ଶ୍ୱରୁ ଚାର୍ଜିଂ ହୋଇପାରିବ। ପୂର୍ବ ବ୍ୟାଟେରିଗୁଡ଼ିକରେ ବିଦେଶୀ କୋଇଲାର ବ୍ୟବହାର ହେଉଥିବାବେଳେ ଏହି ବ୍ୟାଟେରି ଆମ ଦେଶରୁ ମିଳୁଥିବା କୋଇଲାରେ ମଧ୍ୟ ଚାଲିପାରିବ। ଯାହାଫଳରେ ବ୍ୟୟ ହ୍ରାସ ହେବ। ବ୍ୟାଟେରି-୭ରେ ଥିବା ୭-ଏ’ ଓ ୭-ବି’ ଦୁଇଟି ଚାର୍ଜିଂ ଦ୍ୱାରା ବାର୍ଷିକ ହାରାହାରି ୦.୭୭ ମିଲିଅନ ଟନ୍ କ୍ଷମତା ବିନିଯୋଗ ହୋଇପାରିବ। ପ୍ରକାଶଥାଉକି, ମାର୍ଚ୍ଚ ୨୦୧୪ରେ କାର୍ଯ୍ୟକ୍ଷମ ହୋଇଥିବା ବ୍ୟାଟେରି-୬ର ବାର୍ଷିକ ଉତ୍ପାଦନ କ୍ଷମତା ୧ ମିଲିଅନ ଟନ୍ ଏବଂ ଏହା ହେଉଛି ଆର୍‌ଏସ୍‌ପିର ସବୁଠାରୁ ଅଧିକ କ୍ଷମତା ବିଶିଷ୍ଟ ବ୍ୟାଟେରି।

# ବିକ୍ରି ଅଭାବରୁ ଚିଙ୍ଗୁଡ଼ି ଦର ୮୦% ହ୍ରାସ



ନୂଆଦିଲ୍ଲୀ: ଆମେରିକୀୟ ଟିକସର ପ୍ରଭାବ ଦୃଶ୍ୟମାନ ହେବାରେ ଲାଗିଛି। ଆମେରିକାର ଶୁଳ୍କ ଭାରତର ଚିଙ୍ଗୁଡ଼ି ଶିଳ୍ପରେ ଏକ ବଡ଼ ପରିବର୍ତ୍ତନ ଆଣିଛି। କିଛି ଦିନ ମଧ୍ୟରେ ଚିଙ୍ଗୁଡ଼ି ଦର ୮୦ ପ୍ରତିଶତ ହ୍ରାସ ପାଇଛି। ଏହା ଚାଷୀଙ୍କ ଲାଭ ଉପରେ ଏକ ବଡ଼ ସଙ୍କଟ ସୃଷ୍ଟି କରିଛି। ଏବେ ଚାଷୀଙ୍କ ପାଇଁ ଚାଷ ଖର୍ଚ୍ଚ ଆଦାୟ କରିବା କଷ୍ଟକର ହୋଇପଡୁଛି।

ବିଜନେସ୍ ଷ୍ଟାଣ୍ଡାର୍ଡରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଶୁଳ୍କ ଯୋଗୁ ଚିଙ୍ଗୁଡ଼ିର ଦର କିଲୋଗ୍ରାମ ପିଛା ୩୫୦ଟଙ୍କାରୁ ହ୍ରାସ ପାଇ ୭୦ ଟଙ୍କା ହୋଇଛି। ଆମେରିକାକୁ ବହୁ ପରିମାଣରେ ଚିଙ୍ଗୁଡ଼ି ରପ୍ତାନି କରାଯାଏ। ସର୍ବାଧିକ ଚାହିଦା ହେଉଛି ୫୦ କାଉଣ୍ଟ ଭାନାମେଇ କିସମର। ଗୋଟିଏ କିଲୋରେ ପ୍ରାୟ ୫୦ଟି ଥାଏ। ଏହି ଚିଙ୍ଗୁଡ଼ିର ଚାହିଦା ହଠାତ୍ ହ୍ରାସ ପାଇଛି। ବ୍ୟବସାୟୀମାନେ ଭୟ କରୁଛନ୍ତି ଯେ, ଆମେରିକୀୟ ଗ୍ରାହକମାନେ ଏବେ ଦୀର୍ଘକାଳୀନ ଚୁକ୍ତିରୁ ଓହରି ଯାଇପାରନ୍ତି, ଯାହା ଫଳରେ ଭାରତ ପ୍ରାୟ ୧ ବିଲିୟନ ଡଲାର ହରାଇବ।

ଏହି ଶିଳ୍ପ ସହିତ ଜଡିତ ଲୋକମାନେ କହିଛନ୍ତି ଯେ, ପ୍ରକ୍ରିୟାକରଣ କମ୍ପାନିଗୁଡ଼ିକ ଚିଙ୍ଗୁଡ଼ି କିଣିବା ବନ୍ଦ କରିଦେଇଛନ୍ତି। ଏହା ଚାଷୀଙ୍କ ସମସ୍ୟା ବୃଦ୍ଧି କରିଛି। ୭୦ ପ୍ରତିଶତ ଚିଙ୍ଗୁଡ଼ି ଅମଳ ଗ୍ରୀଷ୍ମ ଋତୁରେ ହୁଏ ଏବଂ ଉତ୍ପାଦନ ଆରମ୍ଭ ହୋଇସାରିଛି।

କମ୍ପାଉଣ୍ଡ ଲାଇଭଷ୍ଟକ୍ ଫିଡ୍ ମାନୁଫାକଚର୍ସ ଆସୋସିଏସନ୍ (ସିଏଲଏଫଏମଏ)ର ସଭାପତି ଦିବ୍ୟ କୁମାର ଗୁଲାଟିଙ୍କ ଅନୁଯାୟୀ, ଚାଷୀଙ୍କ ମଧ୍ୟରେ ପୂର୍ବରୁ ଆତଙ୍କର ବାତାବରଣ ରହିଛି। ଯଦି ଆମେରିକାର ଶୁଳ୍କର ସମ୍ପୂର୍ଣ୍ଣ ବୋଝ, ଅର୍ଥାତ୍ ୨୬ପ୍ରତିଶତ, ଚାଷୀଙ୍କ ଉପରେ ପଡ଼ିବ, ତେବେ ସେମାନେ ଚିଙ୍ଗୁଡ଼ି ଉପରେ ପ୍ରତି କିଲୋଗ୍ରାମରେ ୬୦ରୁ ୭୦ଟଙ୍କା କ୍ଷତି ସହିବେ।

ଗୁଲାଟି କହିଛନ୍ତି ଯେ, ଯଦି ପ୍ରକ୍ରିୟାକରଣ କମ୍ପାନିଗୁଡ଼ିକ ୧୦ ପ୍ରତିଶତ ଶୁଳ୍କ ବହନ କରନ୍ତି। ତଥାପି ଚାଷୀମାନଙ୍କୁ ପ୍ରତି କିଲୋଗ୍ରାମ ପାଇଁ ଅତି କମରେ ୩୦-୪୦ ଟଙ୍କା କ୍ଷତି ସହିବାକୁ ପଡିବ। ଚିଙ୍ଗୁଡ଼ି ଚାଷ ପାଇଁ ପ୍ରତି ହେକ୍ଟର ପ୍ରାୟ ୧ ଲକ୍ଷ ଟଙ୍କା ନିବେଶ ଆବଶ୍ୟକ, ଏବଂ ଯେତେବେଳେ କ୍ରୟ ବନ୍ଦ ହୋଇଯାଏ, ଏହି ନିବେଶ ବିପଦରେ ପଡ଼ିଯାଏ।

ଭାରତରେ ଚିଙ୍ଗୁଡ଼ି ଉତ୍ପାଦନର ମୁଖ୍ୟ କେନ୍ଦ୍ର ହେଉଛି ଆନ୍ଧ୍ରପ୍ରଦେଶ, ଯେଉଁଠାରେ ହଜାର ହଜାର ଚାଷୀ ଏବେ ହଠାତ୍ ଦର ହ୍ରାସ ପାଇବାକୁ ନେଇ ଚିନ୍ତିତ। ବିଶେଷଜ୍ଞମାନେ ଦାବି କରିଛନ୍ତି ଯେ, ସରକାର ଏହି ସଙ୍କଟରେ ହସ୍ତକ୍ଷେପ କରି ରପ୍ତାନିକାରୀ ଏବଂ ଚାଷୀମାନଙ୍କୁ ସହାୟତା ପ୍ରଦାନ କରିବା ଉଚିତ୍। ଯଦି ଶୁଳ୍କ ସଙ୍କଟ ଶୀଘ୍ର ହ୍ରାସ ନହୁଏ, ତେବେ ଏହା ଭାରତର ସାମୁଦ୍ରିକ ଉତ୍ପାଦ ରପ୍ତାନି କ୍ଷେତ୍ର ଉପରେ ଗୁରୁତର ପ୍ରଭାବ ପକାଇପାରେ।

# ଆଜିଠୁ ମୁଦ୍ରାନୀତି ସମୀକ୍ଷା ବୈଠକ ରେପୋ ହାର କମିବ !

ମୁମ୍ବାଇ: ଭାରତୀୟ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି କମିଟି ବୈଠକ ସୋମବାରଠାରୁ ଆରମ୍ଭ ହେବ। ନୂଆ ଆର୍ଥିକବର୍ଷର ଏହା ହେବ ପ୍ରଥମ ମୁଦ୍ରନୀତି ସମୀକ୍ଷା ବୈଠକ। ଏହି ବୈଠକରେ କମିଟି କୋହଳ ମୁଦ୍ରାନୀତି ଗ୍ରହଣ ପାଇଁ ସୁପାରିସ କରିବ ବୋଲି ଆଶା କରାଯାଉଛି। ବିଶେଷକରି ରେପୋ ହାରରେ ୦.୨୫ ପ୍ରତିଶତ ହ୍ରାସ ହେବ ବୋଲି ଅନୁମାନ କରାଯାଉଛି। ଆମେରିକା ପାଲଟା ଶୁଳ୍କ ଲାଗୁ ଫଳରେ ବିଶ୍ୱ ବାଣିଜ୍ୟରେ ଅନିଶ୍ଚିତତା ଦେଖାଦେଇଛି। ଏଥିଯୋଗୁ ବିଶ୍ୱ ମାନ୍ଦାବସ୍ଥା ମଧ୍ୟରେ ଠେଲି ହୋଇଯିବାର ଆଶଙ୍କା ରିହିଛି। ତେଣୁ ମୁଦ୍ରାନୀତି କମିଟି ଅଭିବୃଦ୍ଧିକୁ ପ୍ରୋତ୍ସାହନ ଦେବା ପାଇଁ ସୁଧ ହାର ହ୍ରାସ କରିବ ବୋଲି ଅର୍ଥନୀତିଜ୍ଞମାନେ ଆଶା ରଖିଛନ୍ତି। ଉଲ୍ଲେଖଯୋଗ୍ୟ, ଫେବ୍ରୁଆରିରେ ଅନୁଷ୍ଠିତ ମୁଦ୍ରାନୀତି କମିଟି ସମୀକ୍ଷା ବୈ?ଠକରେ ରେପୋ ହାରରେ ୦.୨୫ ପ୍ରତିଶତ ହ୍ରାସ କରାଯାଇଥିଲା। ଫଳରେ ରେପୋ ହାର ସଂପ୍ରତି ୬.୨୫ ପ୍ରତିଶତରେ ରହିଛି। ସୋମବାର ମୁଦ୍ରାନୀତି କମିଟିର ୫୪ତମ ବୈଠକ ଆରମ୍ଭ ହେବ। ୯ ତାରିଖରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା କମିଟିର ନିଷ୍ପତ୍ତି ସଂପର୍କରେ ଘୋଷଣା କରିବା କାର୍ଯ୍ୟକ୍ରମ ରହିଛି।



# ସେନ୍‌ସେକ୍ସ ୩୦୦୦ ପଏଣ୍ଟ ଖସିଲା

ମମ୍ବାଇ: ଭାରତୀୟ ସେୟାର୍ ବଜାର ପାଇଁ ଆଜିର ସୋମବାର କଳା ସୋମବାର ସାବ୍ୟସ୍ତ ହୋଇଛି। କାରଣ ବିଏସ୍‌ଇ ଏବଂ ଏସ୍‌ଇ ସେନ୍‌ସେକ୍ସ ୨୫୬୪.୭୪ ପଏଣ୍ଟରୁ ଅଧିକ ହ୍ରାସ ପାଇ ୭୨,୭୯୯.୯୫ରେ ପହଞ୍ଚିଥିବା ବେଳେ ଏନ୍‌ଏସ୍‌ଇ ନିଫ୍‌ଟି ୫୦ ସକାଳ ୯.୨୪ ସୁଦ୍ଧା ୮୩୧.୯୫ ପଏଣ୍ଟକୁ ଖସି ୨୨,୦୭୨.୫୦ରେ ପହଞ୍ଚିଛି। ଆଜିର ଷ୍ଟକ୍ ମାର୍କେଟ୍ କ୍ରାସ୍ ସହିତ ସେନସ୍କ୍ସେ ଏବଂ ନିଫ୍ଟି ପ୍ରାୟ ୧୦ ମାସ ମଧ୍ୟରେ ସର୍ବନିମ୍ନ ସ୍ତରକୁ ଖସି ଆସିଛି ଏବଂ ବିଶ୍ୱ ବଜାରରେ ବ୍ୟାପକ ଅସ୍ଥିରତା ହେତୁ ଏହା ଆହୁରି ହ୍ରାସ ପାଇପାରେ ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି। ଆଜିର ବଜାର ତଳକୁ ଖସିବା ଏତେ ଭୟଙ୍କର ଥିଲା ଯେ ବିଏସ୍‌ଇ ତାଲିକାଭୁକ୍ତ ସଂସ୍ଥାଗୁଡ଼ିକର ମିଳିତ ବଜାର ପୁଞ୍ଜିକରଣରୁ ୧୯ ଲକ୍ଷ କୋଟି ଟଙ୍କା ପୋଛି ହୋଇଯାଇଛି। ସେନ୍‌ସେକ୍ସେରେ ଘଟିଥିବା ହ୍ରାସ ପ୍ରଭାବରେ ନିବେଶକମାନେ କୋଟି କୋଟି ଟଙ୍କା ହରାଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱର ବିଭିନ୍ନ ଦେଶ ଉପରେ ପାଲଟା ଟିକସ ଲଗାଇବା ପରେ ସମଗ୍ର ବିଶ୍ୱର ଷ୍ଟକ୍ ବଜାର ଅସ୍ଥିର ହୋଇପଡ଼ିଛି। ସବୁଠୁ ଅଧିକ ଅସ୍ଥିର ହୋଇଛି ଆମେରିକାର ଷ୍ଟକ୍ ବଜାର। ଆମେରିକା ଉପରେ ଚୀନ୍ ପାଲଟା ଟିକସ ଲଗାଇବା ପରେ ଆଗକୁ ବାଣିଜ୍ୟ ଲଢ଼େଇ ତୀବ୍ର ହେବ ବୋଲି ନିବେଶକମାନେ ଆଶଙ୍କା କରୁଛନ୍ତି। ଯାହର ପ୍ରଭାବ ଭାରତ ଉପରେ ପଡୁଥିବାର ବି ଦେଖିବାକୁ ମିଳୁଛି।

# ପିଏମ୍ ଜନମନ ଯୋଜନା: ଓଡ଼ିଶାକୁ ୭୦ କୋଟି

ନୂଆଦିଲ୍ଲୀ: ଗ୍ରାମାଞ୍ଚଳ ଯୋଗାଯୋଗରେ ଉନ୍ନତି ଓ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରାଳୟ ଓଡ଼ିଶା ଓ ତ୍ରିପୁରା ପାଇଁ ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ (ପିଏମ୍-ଜନମନ) ଅଧୀନରେ ଅନେକଗୁଡ଼ିଏ ପ୍ରକଳ୍ପକୁ ମଞ୍ଜୁରି ଦେଇଛି। ଏଥିରେ ଓଡ଼ିଶାର ୨୬ଟି ରାସ୍ତା ଏବଂ ଦୁଇଟି ଦୀର୍ଘ ସେତୁ ରହିଛି। ଏହି ରାସ୍ତାର ଲମ୍ବ ୬୩.୩୫୨ କିମି ରହିଥିବାବେଳେ ଏବାବଦରେ ୬୯.୬୫ କୋଟି ଟଙ୍କା ବ୍ୟୟ ହେବ। ଏହା ଫଳରେ ଓଡ଼ିଶାକୁ ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୨୧୧.୧୪ କିମିର ୬୬ଟି ରାସ୍ତା ଏବଂ ୪ଟି ଦୀର୍ଘ




ସେତୁକୁ ମଞ୍ଜୁରି ମିଳିଛି। ଏବାବଦରେ ମୋଟ ୨୧୯.୪୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ଯୋଜନାରେ ରାଜ୍ୟରେ ପିଭିଟିଜି ଲୋକ ବାସ କରୁଥିବା ବସତିଗୁଡ଼ିକୁ ସବୁଦିନିଆ ରାସ୍ତା ଏବଂ ଯୋଗାଯୋଗ ସୁବିଧା ମିଳିବ। ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ।

# ଥାର୍ଡ ଇଉ ଟିକେଟରେ ଫାଷ୍ଟ ଇଉରେ କରନ୍ତୁ ଯାତ୍ରା !

ନୂଆଦିଲ୍ଲୀ: ପ୍ରତିଦିନ ଭାରତରେ ଲକ୍ଷ ଲକ୍ଷ ଲୋକ ଟ୍ରେନରେ ଯାତ୍ରା କରନ୍ତି। ଅଧିକାଂଶ ଯାତ୍ରୀ ଏସି କିମ୍ବା ସ୍ଲିପର କୋଚରେ ଟିକେଟ ବୁକ୍ କରି ଯାତ୍ରା କରନ୍ତି। କିନ୍ତୁ ବହୁତ କମ ଲୋକ ଜାଣନ୍ତି ଯେ ଯଦି ଆପଣ ତୃତୀୟ ଏସିର ଟିକେଟ ବୁକ କରିଛନ୍ତି, ତେବେ କିଛି ନିର୍ଦ୍ଦିଷ୍ଟ ପରିସ୍ଥିତିରେ, ଆପଣଙ୍କ ସିଟ୍ ପ୍ରଥମ ଏସିକୁ ଅପଗ୍ରେଡ କରାଯାଇପାରିବ। ଏଥିପାଇଁ ଆପଣଙ୍କୁ ଗୋଟିଏ ଟଙ୍କା ମଧ୍ୟ ଅତିରିକ୍ତ ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ। ଆସନ୍ତୁ ଜାଣିବା ରେଳବାଇର ଏହି ନିୟମ। ରେଳବାଇର ଏହି ସୁବିଧାକୁ ଅଟୋମେଟିକ୍ ଅପ୍‌ଗ୍ରେଡେଶନ୍ ଯୋଜନା କୁହାଯାଏ। ଏହି ଯୋଜନା ଅନୁଯାୟୀ ଯଦି ଆପଣଙ୍କର ବୁକ ହୋଇଥିବା ତୃତୀୟ ଏସି ଟିକେଟ ଜଇଉ ରେ ଅଛି ଏବଂ ଟ୍ରେନ ଛାଡିବା ପୂର୍ବରୁ ପ୍ରଥମ ଏସିରେ ସିଟ ଖାଲି ଅଛି, ତେବେ ସିଷ୍ଟମ ସ୍ୱୟଂଚାଳିତ ଭାବରେ ଆପଣଙ୍କ ଟିକେଟ ପ୍ରଥମ ଏସିକୁ ଅପଗ୍ରେଡ କରିପାରିବ। ତେବେ ଏହି ସୁବିଧା କେବଳ ସେତେବେଳେ ପ୍ରଯୁଜ୍ୟ ଯଦି ଆପଣ ଟିକେଟ ବୁକିଂ ସମୟରେ ‘ଉକ୍ଟଭ-ଖ୍ପସୟରକ୍ସ ଲକ୍ଟକ୍ସ ଇଙ୍କଖ୍ପକ୍ଟ ଟକ୍ତ୍ରଶକ୍ସବୟବଖ୍ପସକ୍ଟଭ’ ବିକଳ୍ପକୁ ଚୟନ କରିଛନ୍ତି। ଏହି ବିକଳ୍ପକୁ ଟିକ୍ ନକଲେ ଆପଣ ଏହି ସୁବିଧାର ଲାଭ ପାଇବେ ନାହିଁ। ଆଉ ଏକ କଥା ମନେରଖନ୍ତୁ ଯେ କେବଳ କନଫର୍ମ କିମ୍ବା ଜଇଉ ଟିକେଟଗୁଡ଼ିକୁ ଅପଗ୍ରେଡ କରାଯାଏ। ଯଦି ଆପଣଙ୍କର ଟିକେଟ ୱେଟିଂ(ଅପେକ୍ଷା) ତାଲିକାରେ ଅଛି, ତେବେ ଆପଣଙ୍କୁ ଏହି ସୁବିଧାର ଲାଭ ମିଳିବ ନାହିଁ। ଅପଗ୍ରେଡେସନ କ୍ଷେତ୍ରରେ ଯାତ୍ରୀମାନଙ୍କୁ ରେଳବାଇ ପକ୍ଷରୁ ଏକ ଝଗଝ କିମ୍ବା ଇମେଲ ମାଧ୍ୟମରେ ସୂଚିତ କରାଯାଏ, ଯାହା ଦ୍ୱାରା ସେମାନେ ନୂତନ ବର୍ଥ ଏବଂ କୋଚ ବିଷୟରେ ସମୟ ମଧ୍ୟରେ ସୂଚନା ପାଇପାରିଥାନ୍ତି। ତେଣୁ ପରବର୍ତ୍ତୀ ସମୟରେ ଯେତେବେଳେ ଆପଣ ଥାର୍ଡ ଇଉ ରେ ଟିକେଟ ବୁକ କରିବେ, ଏହି ଛୋଟ ବିକଳ୍ପକୁ ଟିକ୍ କରିବାକୁ ଭୁଲନ୍ତୁ ନାହିଁ। ଫଳରେ ଆପଣଙ୍କର ଯାତ୍ରା ଆହୁରି ଆରାମଦାୟକ ହୋଇଯାଇପାରେ।

CMYK

# ମନରେଗା ସ୍ଥିତି ଏମିତି... ୪୫ ଲକ୍ଷ ବଦଳରେ ୧୨ ଲକ୍ଷ ଶ୍ରମଦିବସ



ଯାଜପୁର: ଖଣିଖାଦାନ, ଶିଳ୍ପ, କୃଷି ଓ ବାଣିଜ୍ୟ ପ୍ରଭୃତିରେ ଅନ୍ୟ ଜିଲ୍ଲାଠାରୁ ଯାଜପୁର ଢେର ଆଗରେ। ତଥାପି ଜିଲ୍ଲାର ଲକ୍ଷାଧିକ ଯୁବକଯୁବତୀ ଦାଦନ ଖଟିବାକୁ ବାହାର ଜିଲ୍ଲା ଓ ରାଜ୍ୟକୁ ଯାଉଥିବାର ନଜିର କୋଭିଡ୍ ସମୟରେ ଲୋକଲୋଚନକୁ ଆସିଲା। ଚଳିତ ବର୍ଷ ଏହି କର୍ମନିଯୁକ୍ତି ସ୍ଥିତି ସଙ୍ଗିନ ହୋଇପଡ଼ିଛି। ଚଳିତ ଆର୍ଥିକ ବର୍ଷ ଶେଷ ହେବାକୁ ଗୋଟିଏ ଦିନ ବାକି ଥିବାବେଳେ ଅନେକ ବିଭାଗରେ କାମ ଆରମ୍ଭ ହୋଇନାହିଁ। କେବଳ କାଗଜପତ୍ର ପ୍ରସ୍ତୁତିରେ ସମୟ ବିତିଛି। ଏପରିକି ନିଶ୍ଚିତ କର୍ମନିଯୁକ୍ତି ପାଇଁ ପ୍ରଣୀତ ମନରେଗା ସ୍ଥିତି ମଧ ଶୋଚନୀୟ। ଗତବର୍ଷଠାରୁ ପ୍ରାୟ ୪ ଭାଗ କମ୍ କର୍ମନିଯୁକ୍ତି ସୃଷ୍ଟି ହୋଇଛି।

ସରକାରୀ ତଥ୍ୟ ମୁତାବକ ମନରେଗାରେ ଆର୍ଥିକ ବର୍ଷ ୨୦୨୩-୨୪ରେ ଯାଜପୁର ଜିଲ୍ଲାର ୧୦ଟି ବ୍ଲକ୍‌ରେ ମୋଟ ୪୫ ଲକ୍ଷ ୬୩ ହଜାର ୮୭୭ଟି କର୍ମଦିବସ ସୃଷ୍ଟି ହୋଇଥିଲା। ସେଥିରେ ମହିଳାମାନେ ୨୦ ଲକ୍ଷ ୩୬ ହଜାର ୭୧୯ ଦିନ କାମ କରିଥିଲେ। ଅଥଚ ଚଳିତ ବର୍ଷ ୨୦୨୪-୨୫ରେ ମାତ୍ର ୧୨ ଲକ୍ଷ ୮୩ ହଜାର ୪୬୪ ଦିନ କାମ ହୋଇଥିବାବେଳେ ମହିଳାମାନେ କେବଳ ୫ ଲକ୍ଷ ୪୨ ହଜାର ୯୯୯ ଦିନ କାମ କରିଛନ୍ତି। ସେହିପରି ଗତବର୍ଷ ମନରେଗାରେ ୧୨୬ କୋଟି ୪୦ ଲକ୍ଷ ୭୫ ହଜାର ଟଙ୍କା ବ୍ୟୟ ହୋଇଥିଲା। ଚଳିତ ବର୍ଷ ମାତ୍ର ୫୪ କୋଟି ୯ ଲକ୍ଷ ୬୯ ହଜାର ଟଙ୍କା ବ୍ୟୟ ହୋଇଛି। ମନରେଗା ଭଳି କେନ୍ଦ୍ରୀୟ ଅନୁଦାନ ବ୍ୟୟରେ ଏଭଳି ସ୍ଥିତି ଥିବା ବେଳେ ଅନ୍ୟ ବିଭାଗ ଓ ରାଜ୍ୟ ଅନୁଦାନ ସ୍ଥିତି ଅଧିକ ସଙ୍ଗିନ। କୃଷିକୁ ରାଜ୍ୟ ସରକାର ବଜେଟ୍‌ରେ ସର୍ବାଧିକ ଗୁରୁତ୍ୱ ଦେଇଥିବାବେଳେ କାମ ଆଗେଇ ପାରୁନାହିଁ। ଜିଲ୍ଲାର ୪୦ ଭାଗ ଜଳସେଚନ ଉଠାଜଳସେଚନ ବିଭାଗ ଦ୍ୱାରା ନିୟନ୍ତ୍ରିତ ହେଉଛି। ଚଳିତ ବର୍ଷ ଗୋଟିଏ ନୂତନ ପ୍ରକଳ୍ପ ମଧ ହୋଇ ପାରିଲାନାହିଁ। ଏହିପରି ସମସ୍ତ ବିଭାଗରେ ବଜେଟ୍ ପରିମାଣ ବୃଦ୍ଧି ପାଇଥିଲେ ହେଁ ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ପାରୁ ନଥିବାରୁ ଯୋଜନା କାଗଜପତ୍ରରେ ସୀମିତ ରହିଯାଇଛି। ବର୍ଷୀୟାନ ରାଜନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇଙ୍କ କହିବା ଅନୁସାରେ, ବଜେଟ୍ ?ର କଳେବର ବୃଦ୍ଧି କରିଦେଲେ ବିକାଶ ହୋଇ ଯିବନାହିଁ। ତୃଣମୂଳରେ ଯୋଜନା କାର୍ଯ୍ୟକାରୀ କରି ଅନୁଦାନକୁ ବ୍ୟୟ କରିପାରିଲେ ବିକାଶର ସଫଳ ରୂପାୟନ ହୋଇପାରିବ।

# ସୌର ଶକ୍ତିଚାଳିତ ପାନୀୟ ଜଳ ପ୍ରକଳ୍ପ ଅଚଳ: ଲୋକେ ହନ୍ତସନ୍ତ



ରାଇରଙ୍ଗପୁର: ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁର ବ୍ଲକ୍ ସୁଦର୍ଶନପୁର ଗ୍ରା.ପର ଜାମବଣୀ-ନାଉପଡ଼ା ଗ୍ରାମରେ ପାନୀୟ ଜଳ ପାଇଁ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ଗ୍ରାମରେ ତିନି ହଜାରରୁ ଉର୍ଦ୍ଧ୍ୱ ଗ୍ରାମବାସୀ ବସବାସ କରୁଛନ୍ତି। ପୂର୍ବରୁ ଗ୍ରାମବାସୀମାନେ ନଳକୂପ ଓ ନଈରେ ଚୁଆ କରି ସେଥିରୁ ପାଣି ନେଇ ପାନୀୟ ଜଳ ଭାବେ ବ୍ୟବହାର କରୁଥିଲେ। ତେବେ ଦୁଇ ବର୍ଷ ପୂର୍ବରୁ ଉକ୍ତ ଗ୍ରାମରେ ୪ଟି ସୌର ଶକ୍ତି ଚାଳିତ ପାନୀୟ ଜଳ ପ୍ରକଳ୍ପ ନିର୍ମିତ ହୋଇଥିଲା। ତେବେ ଉକ୍ତ ୪ଟି ପ୍ରକଳ୍ପ ମଧ୍ୟରୁ ୨ଟି ପ୍ରକଳ୍ପ ଦୀର୍ଘ ୬ ମାସରୁ ଅଧିକ ହେଲା ଅଚଳ ହୋଇ ପୋଡିଥିବାରୁ ଗ୍ରାମବାସୀମାନେ ନାହିଁନଥିବା ଜଳକଷ୍ଟ ପାଉଛନ୍ତି। ଦୁଃଖର ବିଷୟ ଯେ ସୁଦର୍ଶନପୁର ପଂଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୨ କି.ମି ଥିଲେ ମଧ ପ୍ରଶାସନର ନଜରରେ ପଡୁନି। ଏନେଇ ପଂଚାୟତର ସରପଂଚଙ୍କଠାରୁ ଆରମ୍ଭ କରି ବ୍ଲକର ବିଡିଓ ପର୍ଯ୍ୟନ୍ତ ବାରମ୍ବାର ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳିନାହିଁ। ତେବେ ଦ୍ୱିପତଳ ଅନ୍ଧାର ପରି ପଂଚାୟତ କାର୍ଯ୍ୟାଳୟଠାରୁ ଅଳ୍ପ ଦୂରତାରେ ଥିବା ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ କେମିତି ମରାମତି ହୋଇପାରୁନି ବୋଲି ବୁଦ୍ଧିଜିବୀ ମହଲରେ ଚର୍ଚ୍ଚା ହେଉଛି। ଉକ୍ତ ପ୍ରକଳ୍ପ ଅଚଳ ଥିବାରୁ ଗ୍ରାମର ଜଣେ ଗ୍ରାମବାସୀଙ୍କ କୁଅରୁ ପାଣି ଆଣିବା ପାଇଁ ଯିବାକୁ ପଡୁଛି,ସେଥିରେ ମଧ କମ ପରିମାଣର ପାଣି ବାହାରୁ ଥିବାରୁ ମହିଳାମାନଙ୍କୁ ବହୁ ସମୟ ଧରି ଧାଡିରେ ଛିଡ଼ା ହେବାକୁ ପଡୁଛି। ଯଦି ପାନୀୟ ଜଳ ସମସ୍ୟା ଦୂର ନହେଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ସୌରଚାଳିତ ପାନୀୟ ଜଳ ପ୍ରକଳ୍ପରେ ସଂଯୋଗ ହୋଇଥିବା ନଳକୂପରୁ ବିଭାଗୀୟ କର୍ମଚାରୀମାନେ ପାଇପ୍ ଗୁଡିକ ବାହାର କରିନେଇଥିବାରୁ ସେଥିରୁ ମଧ ପାଣି ବାହାରୁ ନାହିଁ। ଏ ସମ୍ବନ୍ଧରେ ରାଇରଙ୍ଗପୁର ବ୍ଲକ୍ ଆରଡବ୍ଲୁଏସ୍‌ଏସ୍ ?ର କନିଷ୍ଠଯନ୍ତ୍ରୀ ଦେବବ୍ରତ ଦାସଙ୍କ ସହିତ ଯୋଗାଯୋଗ କରିବାରୁ ସଲାର୍ ସଂସ୍ଥା ଓରେଡାକୁ ଅନଲାଇନ୍ ଯୋଗେ ଅଭିଯୋଗ କରାଯାଇଛି ଖୁବଶୀଘ୍ର ମରାମତି ହୋଇଯିବ ବୋଲି ନିଜ ମତ ରଖିଛନ୍ତି। ଗ୍ରାମକୁ ପାନୀୟ ଜଳ ପାଇଁ ଗ୍ରାମକୁ ପାଇପ୍ ଯୋଗେ ଯାଇଛି। କିନ୍ତୁ ଦିନକୁ ଦୁଇଥର ପାଣି ଛଡ଼ା ଯାଉଥିଲେ ମଧ ସେଥିରେ ଅଳ୍ପ ଅଳ୍ପ ପାଣି ବାହାରୁଥିବାରୁ ଗୋଟିଏ ବାଲଟି ପାଣି ଭର୍ତ୍ତି ହେବାକୁ ୧୫ ରୁ ୩୦ ମିନିଟ ସମୟ ଲାଗିଥାଏ।

# ୫ବର୍ଷରେ ରାଜ୍ୟରେ ୯୫ ହଜାରରୁ ଅଧିକ ଶିଶୁ କୁପୋଷଣରେ ଆକ୍ରାନ୍ତ



ଭୁବନେଶ୍ୱର: ରାଜ୍ୟ ବିଧାନସଭାରେ ମହିଳା ଓ ଶିଶୁ ବିକାଶ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଅନୁଯାୟୀ, ଗତ ପାଞ୍ଚ ବର୍ଷ ମଧ୍ୟରେ ଓଡ଼ିଶାରେ ମୋଟ ୯୫,୪୪୩ ଜଣ ଶିଶୁ ଗୁରୁତର କୁପୋଷଣ (ଏନଏଏମ)ରେ ପୀଡିତ ହୋଇଛନ୍ତି।

ଜୟପୁରର କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତରରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୨୦୧୯-୨୦ରେ ଓଡ଼ିଶାରେ ମୋଟ ୨୬,୮୨୭ ଜଣ ଶିଶୁ ଏସଏଏମରେ ପୀଡିତ ଥିଲେ। ୨୦୨୦-୨୧ରେ ଏହି ସଂଖ୍ୟା ୨୨,୬୪୧ ଥିଲା; ୨୦୨୧-୨୨ରେ ୧୬,୮୧୩ ଜଣ ଶିଶୁ; ୨୦୨୨-୨୩ରେ ୧୫,୪୨୬ ଜଣ ଶିଶୁ; ଏବଂ ୨୦୨୩-୨୪ରେ ୧୩,୭୩୬ ଜଣ ଶିଶୁ ଏସଏଏମରେ ପୀଡିତ ଥିଲେ।

ଉପମୁଖ୍ୟମନ୍ତ୍ରୀ ଶିଶୁ ପୁଷ୍ଟିହୀନତା ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ବିଷୟରେ ସୂଚନା ପ୍ରଦାନ କରିଥିଲେ। ୬ ମାସରୁ ୩ ବର୍ଷ ବୟସର ପିଲାମାନଙ୍କୁ ଛତୁଆ, ଅଣ୍ଡା, ଲଡୁ ଏବଂ ଶୁଖିଲା ରାସନ ସହିତ ବିଭିନ୍ନ ପ୍ରକାରର ଖାଦ୍ୟ ଦିଆଯାଇଥାଏ। ଯେଉଁ ପିଲାମାନେ ଅଣ୍ଡା ଖାଆନ୍ତି ନାହିଁ, ସେମାନଙ୍କ ପାଇଁ ଅତିରିକ୍ତ ଲଡୁ ଯୋଗାଇ ଦିଆଯାଏ। ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ୩ ରୁ ୬ ବର୍ଷ ବୟସର ପିଲାମାନଙ୍କୁ ଗରମ ରନ୍ଧା ଖାଦ୍ୟ ଦିଆଯାଇଥାଏ। ଏହା ସହିତ, ସରକାର ଗୁରୁତର ଭାବରେ କୁପୋଷଣ (ଏସଏଏମ) ପିଲାମାନଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣା ପୁଷ୍ଟି ଯୋଜନା (ଏମଏସପିୱାଇ) କାର୍ଯ୍ୟକାରୀ କରିଛନ୍ତି। ୬ ମାସରୁ ୫ ବର୍ଷ ବୟସର ପିଲାମାନଙ୍କୁ ୧୧୨ ନିରନ୍ତର ଦିନ ପାଇଁ ପ୍ରତିଦିନ ୧୦୦ଗ୍ରାମ ଛତୁଆ ଏବଂ ଗୋଟିଏ ଅଣ୍ଡା ଦିଆଯାଏ। ଏହା ସହିତ, ଅତ୍ୟଧିକ କମ୍ ଓଜନ (ଏସୟୁଡବ୍ଲୁ) ଏବଂ ମଧ୍ୟମ ତୀବ୍ର କୁପୋଷଣ (ଏମଏଏମ) ପିଲାମାନଙ୍କୁ ନିରନ୍ତର ୭୫ଦିନ ପାଇଁ ପ୍ରତିଦିନ ବେସନ ମିଶ୍ରଣ, କଦଳୀ ଏବଂ ଅଣ୍ଡା ଯୋଗାଇ ଦିଆଯାଏ। 'ପାଦ ପୁଷ୍ଟି କାର୍ଯ୍ୟକ୍ରମ' (ପିପିକେ), ଯାହାକୁ 'ପାଦ ପୁଷ୍ଟି ଯୋଜନା' ଭାବରେ ମଧ ଜଣାଶୁଣା, ଏହା ଆଉ ଏକ ପ୍ରମୁଖ ପଦକ୍ଷେପ ଯାହା ଅଧୀନରେ ଦୂରଦୂରାନ୍ତ ଗାଁରେ ରହୁଥିବା ୩-୬ ବର୍ଷ ବୟସର ପିଲାମାନଙ୍କୁ ଯେଉଁମାନେ ଅଙ୍ଗନୱାଡି କେନ୍ଦ୍ରରେ ଯୋଗଦାନ କରିପାରୁନାହାନ୍ତି ସେମାନଙ୍କ ସ୍ଥାନୀୟ ଗାଁରେ ଜଳଖିଆ ଏବଂ ଗରମ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଏ। ଏହି ପଦକ୍ଷେପଗୁଡ଼ିକ ରାଜ୍ୟରେ ଶିଶୁ କୁପୋଷଣ ବିରୋଧରେ ଲଢ଼ିବା ଏବଂ ପିଲାମାନଙ୍କର ସାମଗ୍ରିକ ପୁଷ୍ଟିକର ସ୍ଥିତିରେ ଉନ୍ନତି ଆଣିବା ପାଇଁ ସରକାରଙ୍କ ଜାରି ପ୍ରୟାସର ଏକ ଅଂଶ।

# ଅନୁଗୁଳ: ୯ ମାସରେ ୩୩ ହତ୍ୟା, ୫୩ ଦୁଷ୍କର୍ମ

ଅନୁଗୁଳ: ଟିକିଏ କଥାରେ ଗର୍ଜୁଛି ବନ୍ଧୁକ। ସାମାନ୍ୟ ଗଣ୍ଡଗୋଳରେ ଭୁଜାଲି ବୁଲୁଛି। ସ୍ଥିତି ଏମିତି ଯେ ଅପରାଧୀଙ୍କ ଆଉ ଭୟ ବୋଲି କିଛି ନାହିଁ। ଖୋଲାଖୋଲି ଆଇନ୍‌କୁ ହାତକୁ ନେବା ପାଇଁ ବଳ ପାଇଗଲେଣି। ଗତ ୯ ମାସର ଆପରାଧିକ ଗ୍ରାଫ୍ ଏହା ବୟାନ କରୁଛି। ଏହି ସମୟରେ ଅନୁଗୁଳ ଜିଲ୍ଲାରେ ୩୩ଟି ହତ୍ୟାକାଣ୍ଡ ଘଟିଛି। ଅର୍ଥାତ୍ ପ୍ରତି ମାସରେ ହାରାହାରି ୪ ଜଣ ହତ୍ୟାର ଶିକାର ହେଉଥିଲା ବେଳେ ୫୩ଟି ଦୁଷ୍କର୍ମ ମାମଲା ସାମ୍ନାକୁ ଆସିଛି। ଗଣେଶ ପୂଜା ଭସାଣି ବେଳେ ସହର ଉପକଣ୍ଠ ଛେଳିଆପଡ଼ା ଓଭରବ୍ରିଜ୍ ନିକଟରେ ଜଣେ ଯୁବକଙ୍କୁ କିଛି ଅପରାଧୀ ଗୋଡ଼େଇ ଗୋଡ଼େଇ ହାଣିବା ସହ ଫଟୋ ଉଠାଇ ସାମାଜିକ ଗଣମାଧମରେ ଛାଡ଼ିଥିଲେ। ପରେ ଅନୁଗୁଳ ସହରର ଛାତି ଉପରେ ଜଣେ ଯୁବକଙ୍କୁ କିଛି ଅସାମାଜିକ ଲୋକ ଗୋଡ଼େଇ ଗୋଡ଼େଇ ହାଣିଥିଲେ। ହଣ୍ଡପା ଥାନା ଅଞ୍ଚଳରେ ଜଣେ ଲୋକଙ୍କର ମୃତ୍ୟୁ ହେବା ଦିନ ତାଙ୍କ ଘରୁ ସଶସ୍ତ୍ର ଡକାୟତି ହୋଇଥିଲା। ଏପଟେ ବନ୍ତଳାରେ ଜଣେ ବ୍ୟକ୍ତିଙ୍କୁ ଜନଗହଳି ରାସ୍ତାରେ ଗୁଳିମାଡ଼ ହେଲା। ଏହି ସବୁ ଘଟଣା ଲୋକଙ୍କ ମନରେ ଭୟ ସୃଷ୍ଟି କରିଥିଲା ବେଳେ ଅପରାଧୀ ଲଗାମଛଡ଼ା ହୋଇଯାଇଥିବା ପ୍ରମାଣ ଦେଉଛି। ସରକାରୀ ତଥ୍ୟ ଅନୁସାରେ, ଗତ ଜୁନ୍ ପହିଲାରୁ ଫେବ୍ରୁଆରି ୨୮ ଭିତରେ ଅନୁଗୁଳ ଜିଲ୍ଲାରେ ୩୩ଟି ହତ୍ୟାକାଣ୍ଡ ଘଟିଛି। ଏପଟେ ଏହି ୯ ମାସ ଭିତରେ ଅନୁଗୁଳ ଜିଲ୍ଲାରେ ୫୩ ଟି ଦୁଷ୍କର୍ମ ମାମଲା ସାମ୍ନାକୁ ଆସିଛି। ଅନୁଗୁଳ ଜିଲ୍ଲାର ବିଭିନ୍ନ ଥାନାରେ ଦୁଷ୍କର୍ମ ମାମଲା ରୁଜୁ ହୋଇଥିଲା ବେଳେ ୨ଟି ଗଣ ଦୁଷ୍କର୍ମ ମାମଲା ଜିଲ୍ଲାକୁ ବଦନାମ କରିଛି। ଉଦ୍‌ବେଗର ବିଷୟ, ଏହି ୯ ମାସରେ ୧୮ ଜଣ ନାବାଳିକା ଦୁଷ୍କର୍ମର ଶିକାର ହୋଇଛନ୍ତି। ହିସାବ ଅନୁସାରେ, ଅନୁଗୁଳ ଜିଲ୍ଲ?ାରେ ପ୍ରତି ମାସରେ ହାରାହାରି ୬ ଜଣ ଦୁଷ୍କର୍ମର ଶିକାର ହେଉଛନ୍ତି। ଏହାସହ ନାରୀ ନିର୍ଯାତନା ବି ବୃଦ୍ଧି ପାଇଛି। ଗତ ୯ ମାସରେ ୯ ଜଣ ମହିଳାଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଛି। ଯୌତୁକ ନିର୍ଯାତନା ଅସହ୍ୟ ହେବାରୁ ୩ ଜଣ ମହିଳା ଆତ୍ମହତ୍ୟା କରିଛନ୍ତି। ୧୧୩ ଜଣ ମହିଳାଙ୍କୁ ଯୌତୁକ ନିର୍ଯାତନା ଦିଆଯାଇଛି। ଅନ୍ୟ କାରଣ ପାଇଁ ୨୪୬ ମହିଳା ନିର୍ଯାତନାର ଶିକାର ହୋଇଥିବା ଜଣାପଡ଼ିଛି। ଏହା ସଭ୍ୟ ସମାଜକୁ ଚିନ୍ତାରେ ପକାଇ ଦେଇଥିଲା ବେଳେ ମହିଳାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି।

# କଟିଗଲା ସିଗ୍‌ନାଲ୍ କେବୁଲ ରାଉରକେଲା-ଝାରସୁଗଡ଼ା ମଧ୍ୟରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ

ବନ୍ଧମୁଣ୍ଡା: ଚକ୍ରଧରପୁର ରେଳ ଡିଭିଜନର ଝାରସୁଗୁଡ଼ା ରେଳ ଜଙ୍କସନରେ ସିଗ୍‌ନାଲ୍ କେବୁଲ କଟିଯିବା ଯୋଗୁ ପ୍ରାୟ ୭ ଘଣ୍ଟା ଧରି ହାଓଡ଼ା-ମୁମ୍ବାଇ ମୁଖ୍ୟ ରେଳମାର୍ଗରେ ଟ୍ରେନ୍ ? ଚଳାଚଳରେ ବହୁତ ସମସ୍ୟା ଦେଖାଦେଇଛି। ମଙ୍ଗଳବାର ଭୋର ପ୍ରାୟ ସାଢ଼େ ୩ଟା ସମୟରେ ଝାରସୁଗୁଡା ମୁଖ୍ୟ ରେଳବାଇ ୟାର୍ଡର କିଲୋମିଟର୍ ସଂଖ୍ୟା ୫୧୩/୨୩ ଓ ୨୫୦ଠାରେ ଥିବା ୬୧ ଏବଂ ୬୨ ପଏଣ୍ଟରେ କିଛି ଅସାମାଜିକ ଲୋକ ଏକକାଳୀନ ୬ଟି ସିଗ୍ ?ନାଲ୍ ? କେବୁଲ କାଟି ଦେଇଥିଲେ। ଏହା ଯୋଗୁ ରେଳୟାର୍ଡର ୧ ନମ୍ବରରୁ ୭ ନମ୍ବର ଲାଇନ କିଛି ସମୟ ପାଇଁ ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯାଇଥିଲା।

ଏହା ଦ୍ୱାରା ଟ୍ରେନ ନମ୍ବର ୧୭୩୨୨ ଭାସ୍କୋଡାଗାମା ସାପ୍ତାହିକ ଏକ୍ସପ୍ରେସ୍, ୧୮୦୩୦ ମୁମ୍ବାଇ ଏଲ୍‌ଟିଟି ଏକ୍ସପ୍ରେସ୍, ୧୮୧୧୩ ବିଳାସପୁର ଏକ୍ସପ୍ରେସ୍,




୧୨୧୦୨ ଜ୍ଞାନେଶ୍ୱରୀ ଏକ୍ସପ୍ରେସ୍, ୦୩୨୫୩ ଚାରଲାପାଲି ସ୍ପେସାଲ୍ ଫେୟାର ଏକ୍ସପ୍ରେସ୍, ୦୨୮୩୨ ଧାନବାଦ ସ୍ପେଶାଲ୍ ଫେୟାର ଟ୍ରେନ୍ ପ୍ରଭାବିତ ହୋଇଛି। ସୂଚନା ପାଇବା ପରେ ରେଳବାଇ ସିଗ୍ ?ନାଲ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମରାମତି କାର୍ଯ୍ୟ ଆରମ୍ଭ କରିଦେଇଥିଲେ। ଦିନ ପ୍ରାୟ ୧୦.୨୦ରେ ମରାମତି କାର୍ଯ୍ୟ ଶେଷ ହୋଇଥିଲା। ଏହି ସମ୍ପୂର୍ଣ୍ଣ ଘଟଣା ଯୋଗୁ ଝାରସୁଗୁଡ଼ା ଆରପିଏଫ୍‌ର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠିଛି। ଝାରସୁଗୁଡ଼ା ରେଳ ଜଙ୍କସନରୁ ମାତ୍ର ଅଳ୍ପଦୂରରେ ଏପରି ଘଟଣା ଘଟିଥିଲେ ବି ଆରପିଏଫ୍ ଏ ସମ୍ପର୍କରେ ଜାଣିପାରି ନଥିଲା।

# ରୋଶନୀଙ୍କ ସଫଳ ଯାତ୍ରା



ଏଚ୍‌ସିଏଲ୍ ଟେକ୍ନୋଲୋଜିର ଅଧ୍ୟକ୍ଷା ରୋଶନି ନାଦାର ମାଲହୋତ୍ରା ମହିଳାମାନଙ୍କ ହୁରୁନ୍ ଗ୍ଲୋବାଲ୍ ରିଚ୍ ଲିଷ୍ଟ୍ ୨୦୨୫ରେ ପ୍ରଥମ ଭାରତୀୟ ଭାବେ ଶୀର୍ଷ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇ ଇତିହାସ ରଚିଛନ୍ତି। ତାଙ୍କର ସମ୍ପତ୍ତିର ଆନୁମାନିକ ମୂଲ୍ୟ ୩.୫ ଲକ୍ଷ କୋଟି ଟଙ୍କା ଏବଂ ସେ ବିଶ୍ୱର ସବୁଠାରୁ ଧନୀ ମହିଳାଙ୍କ ମଧ୍ୟରେ ପଞ୍ଚମ ସ୍ଥାନ ହାସଲ କରିଛନ୍ତି। ଖାଲି ସେତିକି ନୁହେଁ, ସେ ଭାରତୀୟ କୋଟିପତି ମୁକେଶ ଅମ୍ବାନୀ ଓ ଗୌତମ ଅଦାନୀଙ୍କ ସମକକ୍ଷ ମଧ୍ୟ ହୋଇଛନ୍ତି। ତାଙ୍କ ପିତା, ଏଚ୍‌ସିଏଲ୍ ଟେକ୍ନୋଲୋଜିର ପ୍ରତିଷ୍ଠାତା ଶିବ ନାଦାରଙ୍କ ଠାରୁ ୪୭ ପ୍ରତିଶତ ଅଂଶଧନ ହସ୍ତାନ୍ତର ପରେ ତାଙ୍କର ରାଙ୍କିଙ୍ଗ୍‌ରେ ଉନ୍ନତି ଘଟିଛି। ଏହି ସ୍ଥାନାନ୍ତର ଦ୍ୱାରା ସେ ଏଚ୍‌ସିଏଲ୍ ଟେକ୍ନୋଲୋଜିର ପ୍ରମୋଟର୍ ସଂସ୍ଥା, ଭାମା ସୁନ୍ଦରୀ ଇନଭେଷ୍ଟମେଣ୍ଟ (ଭାମା ଦିଲ୍ଲୀ) ଓ ଏଚ୍‌ସିଏଲ୍ କର୍ପୋରେସନ୍‌କୁ ନିୟନ୍ତ୍ରଣ କରିବେ। ଫଳସ୍ୱରୂପ, ରୋଶନି ନାଦାର ମାଲହୋତ୍ରା ଏବେ ୧୨ ବିଲିୟନ ଡଲାର ଟେକ୍ନୋଲୋଜି ଜାଏଣ୍ଟର ସମସ୍ତ ରଣନୈତିକ ନିଷ୍ପତ୍ତି ତଦାରଖ କରିବେ।

ଏହି ସ୍ଥାନାନ୍ତର ସହିତ, ରୋଶନି ନାଦାର ମାଲହୋତ୍ରା ଏବେ ଭାମା ଦିଲ୍ଲୀର ୪୪.୧୭ ପ୍ରତିଶତ ଅଂଶଧନ ଓ ଏଚ୍‌ସିଏଲ୍ କର୍ପ ଏଚ୍‌ସିଏଲ୍ ଟେକ୍ନୋଲୋଜିରେ ୦.୧୭ ପ୍ରତିଶତ ଅଂଶଧନ ପାଇଁ ଭୋଟ ଅଧିକାର ଏବଂ ଏଚ୍‌ସିଏଲ୍ ଇନ୍‌ଫୋସିଷ୍ଟମ୍‌ରେ ଭାମା ଦିଲ୍ଲୀର ୧୨.୯୪ ପ୍ରତିଶତ ଅଂଶଧନ ଓ ଏଚ୍‌ସିଏଲ୍ କର୍ପର ୪୯.୯୪ ପ୍ରତିଶତ ଅଂଶଧନ ଉପରେ ଭୋଟିଂ ଅଧିକାର ଉପରେ ନିୟନ୍ତ୍ରଣ ରଖିଛନ୍ତି। ଏହା ପୂର୍ବରୁ ଶିବ ନାଦାର ଭାମା ଦିଲ୍ଲୀ ଓ ଏଚ୍‌ସିଏଲ୍ କର୍ପ ଉଭୟରେ ୫୧ ପ୍ରତିଶତ ଅଂଶଧନ ରଖିଥିଲେ, ଯେତେବେଳେ ରୋଶନି ନାଦାର ମାଲହୋତ୍ରାଙ୍କର ଉଭୟ ସଂସ୍ଥାରେ ୧୦.୩୩ ପ୍ରତିଶତ ମାଲିକାନା ଥିଲା। ରୋଶନି ନାଦାର ମାଲହୋତ୍ରା ଜୁଲାଇ ୨୦୨୦ ରେ ଏଚ୍‌ସିଏଲ୍ ଟେକ୍ନୋଲୋଜିସ୍‌ର ଅଧ୍ୟକ୍ଷା ଭାବରେ ଦାୟିତ୍ୱଗ୍ରହଣ କରିଥିଲେ। ସେ ଶିବ ନାଦାର ଫାଉଣ୍ଡେସନ୍‌ର ଜଣେ ଟ୍ରଷ୍ଟି ମଧ୍ୟ, ଯାହା ଭାରତରେ ଅନେକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଛି। ହୁରୁନ୍ ଗ୍ଲୋବାଲ୍ ରିଚ୍ ଲିଷ୍ଟ୍ ୨୦୨୫ରେ ଆହୁରି ଅନେକ ଭାରତୀୟ କୋଟିପତି ଅଛନ୍ତି। ଗୌତମ ଅଦାନୀ ଭାରତର ଦ୍ୱିତୀୟ ସବୁଠାରୁ ଧନୀ ବ୍ୟକ୍ତି ଭାବରେ ରହିଛନ୍ତି ଏବଂ ବିଶ୍ୱସ୍ତରରେ ୧୮ ତମ ସ୍ଥାନରେ ଅଛନ୍ତି। ସନ୍ ଫାର୍ମାସ୍ୟୁଟିକାଲ୍‌ର ଦିଲୀପ ସାଂଘଭି ଭାରତରେ ଚତୁର୍ଥ ସ୍ଥାନରେ ଅଛନ୍ତି, ତାଙ୍କ ପରେ ୱିପ୍ରୋର ଅଜିମ୍ ପ୍ରେମଜୀ ପଞ୍ଚମ ସ୍ଥାନରେ ଅଛନ୍ତି। ହେଲେ ସେମାନଙ୍କ ଭିତରେ ଜଣେ ମହିଳା ଉଦ୍ୟୋଗୀ ନିଜ ପାଇଁ ସ୍ୱତନ୍ତ୍ର ସ୍ଥାନ ତିଆରି କରିବା ନିହାତି ପ୍ରଶଂସାଯୋଗ୍ୟ।

# ମା'ଙ୍କୁ ହରାଇ ଭାଙ୍ଗିପଡ଼ିଛନ୍ତି ଜ୍ୟାକଲିନ

ନୂଆଦିଲ୍ଲୀ: ବଲିଉଡ ଅଭିନେତ୍ରୀ ଜ୍ୟାକଲିନ ଫର୍ଣ୍ଣାଣ୍ଡିଜଙ୍କ ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଛି। କିଛିଦିନ ହେବ ରୋଗରେ ପୀଡ଼ିତ ଥିବା ଜ୍ୟାକଲିନଙ୍କ ମା'ଙ୍କ ରବିବାର ଦେହାନ୍ତ ହୋଇଯାଇଛି। ସେ ମୁମ୍ବାଇସ୍ଥିତ ଲିଳାବତୀ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସାଧୀନ ଥିଲେ। ଆଜି ସକାଳେ ସେ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ



କରିଛନ୍ତି। ଜ୍ୟାକଲିନଙ୍କ ମା' କିମ ଫର୍ଣ୍ଣାଣ୍ଡିଜଙ୍କ ହାର୍ଟ ଷ୍ଟ୍ରୋକ ହୋଇଥିଲା। ଯେଉଁ କାରଣରୁ ତାଙ୍କୁ ଚିକିତ୍ସା ପାଇଁ ଲିଳାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଆଇସିୟୁରେ ଡାକ୍ତରମାନେ ତାଙ୍କ ଉପରେ ୨୪ଘଣ୍ଟା ନଜର ରଖିଥିଲେ। କିନ୍ତୁ ଦୁଃଖର ବିଷୟ ଚିକିତ୍ସାଧୀନ ଅବସ୍ଥାରେ ଆଜି ସକାଳେ କିମଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। ଖବର ଲେଖାହେଲା ପର୍ଯ୍ୟନ୍ତ ଜ୍ୟାକଲିନଙ୍କ ପକ୍ଷରୁ କୌଣସି ପ୍ରକାର ପ୍ରତିକ୍ରିୟା ଆସିନାହିଁ। ମା'ଙ୍କ ଅସୁସ୍ଥତା ବିଷୟରେ ଜାଣିବା ପରେ ଜ୍ୟାକଲିନ କାମ ଛାଡ଼ି ତୁରନ୍ତ ହସ୍ପିଟାଲ ଦୌଡ଼ି ଯାଇଥିଲେ। ମା'ଙ୍କ ମୃତ୍ୟୁ ଖବର ପାଇବା ପରେ ଜ୍ୟାକଲିନ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଛନ୍ତି। ଲାଇମଲାଇଟରୁ ସର୍ବଦା ଦୂରେଇ ରହିଥିବା କିମ ପ୍ରତି ମୁହୂର୍ତ୍ତରେ ଜ୍ୟାକଲିନଙ୍କ ସହିତ ରହିଥାଆନ୍ତି। ତାଙ୍କୁ ପ୍ରତିଟି କାମ ପ୍ରତି ସଜାଗ ରହିବାକୁ ଚେତାଇବା ସହିତ ସମର୍ଥନ ବି କରିଥାଆନ୍ତି।

# ତାରକା ସନ୍ତାନ ଦୌଡ଼ରେ ରାଶା



ବଲିଉଡ୍ ତାରକାଙ୍କ ସନ୍ତାନ ହୋଇ ଅଭିନୟ ପେସାରେ ସଫଳ ହେବା ଆଜି ଦିନରେ ସହଜ କଥା ନୁହେଁ। ସେମାନଙ୍କୁ ପିତାମାତାଙ୍କ ସହ ତୁଳନାରୁ ଆରମ୍ଭ କରି ପରିବାରବାଦ ଅଭିଯୋଗ, ଟ୍ରୋଲିଂ ପର୍ଯ୍ୟନ୍ତର ସମ୍ମୁଖୀନ ହେବାକୁ ପଡ଼େ। ତେଣୁ ପ୍ରଥମରୁ ନିଜ ଦକ୍ଷତା ଜରିଆରେ ଦର୍ଶକଙ୍କ ପ୍ରିୟଭାଜନ ହେବାର ଚାପ ସେମାନଙ୍କ ଉପରେ ରହିଥାଏ। ସୁହାନା ଖାନ, ଖୁସି କପୁରଙ୍କ ପରି ତାରକା ସନ୍ତାନ ଅଭିନେତ୍ରୀ ଭାବେ ଦର୍ଶକଙ୍କ ସ୍ୱୀକୃତି ପାଇବା ଲାଗି ସଂଘର୍ଷ କରୁଥିବା ବେଳେ ରାଶା ଥଡ଼ାନୀ ପ୍ରଥମ ସିନେମାରେ ଯେଉଁ ଦକ୍ଷତା ପ୍ରଦର୍ଶନ କରିଛନ୍ତି ତାହା ତାଙ୍କ ଭବିଷ୍ୟତ ନେଇ ଉଜ୍ଜ୍ୱଳ ଚିତ୍ର ଉପସ୍ଥାପନ କରିଛି।


ଏ ବର୍ଷ ତାଙ୍କର ପ୍ରଥମ ବଲିଉଡ୍ ଚଳଚ୍ଚିତ୍ର 'ଆଜାଦ' ମୁକ୍ତିଲାଭ କରି ବକ୍ସ ଅଫିସରେ ସଫଳତା ହାସଲ କରିପାରି ନଥିଲେ ହେଁ ନିକଟରେ ଓଟିଟି ମଞ୍ଚରେ ଏହା ଖୁବ୍ ପ୍ରଶଂସିତ ହେଉଛି। ଏଥିରେ ରାଶାଙ୍କ ଅଭିନୟ ଦେଖି ଲୋକମାନେ ସାମାଜିକ ଗଣମାଧ୍ୟମରେ ସକାରାତ୍ମକ ମନ୍ତବ୍ୟ ଦେଉଛନ୍ତି। ଜଣେ ଲେଖିଛନ୍ତି, 'ସିନେମାଟି ବିଫଳ ହୋଇଥିଲେ ହେଁ ରାଶାଙ୍କ ଅଭିନୟର ମାନ ଖୁସି କପୁର ଓ ସୁହାନା ଖାଁଙ୍କ ଠାରୁ ବହୁତ ଅଧିକ।' ସେହିପରି ଆଉ ଜଣେ ଉଲ୍ଲେଖ କରିଛନ୍ତି, 'ସବୁ ତାରକା ସନ୍ତାନଙ୍କ ମଧ୍ୟରୁ ରାଶା ହେଉଛନ୍ତି ସର୍ବଶ୍ରେଷ୍ଠ ଅଭିନେତ୍ରୀ।' ରାଶାଙ୍କ ଦକ୍ଷତା ସମ୍ପର୍କରେ ଚର୍ଚ୍ଚା ଦର୍ଶାଉଛି ଯେ ସେ ତାଙ୍କ ପିଢ଼ିର ତାରକା ଦାୟାଦଙ୍କ ଦୌଡ଼ରେ ସର୍ବାଗ୍ରେ ବିଦ୍ୟମାନ ଅଛନ୍ତି।

# ମାନସୀ 'ଇଣ୍ଡିଆନ୍ ଆଇଡଲ ୧୫' ବିଜେତା

ଦମୁମ୍ବାଇ: ଲୋକପ୍ରିୟ ସଙ୍ଗୀତ ରିୟଲିଟି ଶୋ' 'ଇଣ୍ଡିଆନ୍ ଆଇଡଲ ୧୫'ର ବିଜେତା ହୋଇଛନ୍ତି କୋଲକାତାର ମାନସୀ ଘୋଷ (୨୪)। ରବିବାର ଅନୁଷ୍ଠିତ ହୋଇଥିବା ଶୋ'ର ଗ୍ରାଣ୍ଡ ଫିନାଲେ ସମାରୋହରେ ଶୁଭ୍ରଜିତ ଚକ୍ରବର୍ତ୍ତୀ ପ୍ରଥମ ରନର-ଅପ୍ ଓ ସ୍ନେହା ଶଙ୍କର ଦ୍ୱିତୀୟ ରନର-ଅପ୍ ହୋଇଛନ୍ତି। ଟାଇଟଲ ହାସଲ କରିଥିବା ମାନସୀଙ୍କୁ ଏକ ନୂତନ ବ୍ରାଣ୍ଡ କାର୍ ଏବଂ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିଛି। ସୋନି-ଟିଭିର ଅଫିସିଆଲ ଏକ୍ସ' ଆକାଉଣ୍ଟରେ ଏକ ପୋଷ୍ଟ କରାଯାଇ କୁହାଯାଇଛି, ମାନସୀ କେବଳ 'ଇଣ୍ଡିଆନ୍ ଆଇଡଲ ୧୫'ର ଟାଇଟଲ ଜିତି ନାହାନ୍ତି ବରଂ ସେ ଅନେକ କୋଟି ଲୋକଙ୍କ ହୃଦୟରେ ରାଜ୍ କରିବାରେ ସଫଳ ହୋଇଛନ୍ତି। ମାନସୀ ଏହି ସଫଳତା ପାଇଁ ନିଜ ପରିବାରକୁ ଶ୍ରେୟ ଦେଇଛନ୍ତି। ଏହାସହ ସେ ତାଙ୍କର ପ୍ରଥମ ବଲିଉଡ୍ ଗୀତକୁ ରେକର୍ଡ କରିସାରିଥିବା ମାନସୀ କହିଛନ୍ତି। ପ୍ରକାଶ ଯେ, 'ଇଣ୍ଡିଆନ୍ ଆଇଡଲ ୧୫'କୁ ଗାୟକ ଆଦିତ୍ୟ ନାରାୟଣ ହୋଷ୍ଟ କରୁଥିବା ବେଳେ ପ୍ରସିଦ୍ଧ ସଙ୍ଗୀତଜ୍ଞ ବିଶାଳ ଡଡ୍‌ଲାନୀ, ଶ୍ରେୟା ଘୋଷାଲ ଏବଂ ରାପର ବାଦଶାହ ଏହି ରିୟଲିଟି ଶୋ' ଚଳିତ ସିଜନ୍‌ରେ ବିଚାରପତି ରହିଥିଲେ। ଗତବର୍ଷ ଅକ୍ଟୋବର ୨୬ରୁ 'ଇଣ୍ଡିଆନ୍ ଆଇଡଲ ୧୫' ଆରମ୍ଭ ହୋଇଥିଲା।




# ଶରୀରକୁ ଡିଟକ୍ସ କରିବା





ପ୍ରତ୍ୟେକ ପୂଜାପର୍ବରେ ସାଧାରଣତଃ ପିଠା, ମିଠା ଓ ଅନେକ ଭଳିକି ଭଳି ଖାଦ୍ୟରେ ସଭିଙ୍କ ଘର ଭରିଯାଏ, ଯାହାକୁ ଖାଇବା ଏବଂ ଅନ୍ୟମାନଙ୍କୁ ଶ୍ରଦ୍ଧାରେ ଖୁଆଇବାରେ ବେଶ୍ ଆନନ୍ଦ ବି ମିଳିଥାଏ। ହେଲେ ଏହାଦ୍ୱାରା ନା କେବଳ ଶରୀରକୁ ଅଧିକ କ୍ୟାଲୋରି ଯାଇଥାଏ ବରଂ ଏସବୁ ଖାଦ୍ୟରେ ବ୍ୟବହୃତ ରଙ୍ଗ, ତେଲ ଆଦିରେ ଥିବା ବିଷାକ୍ତ ପଦାର୍ଥ ଶରୀରକୁ ହାନି ପହଞ୍ଚାଇଥାଏ। ଏହାକୁ ଦୂର କରି ସୁସ୍ଥ ରହିବା ଲାଗି ପୂଜାପର୍ବ ପରେ କେତେକ ଉପାୟରେ ବଡି ଡିଟକ୍ସ କରିବା ନିହାତି ଆବଶ୍ୟକ...

- ପିଅନ୍ତୁ ଅଧିକ ପାଣି: ଶରୀରକୁ ସୁସ୍ଥ ରଖିବା ଲାଗି ପାଣି ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହା ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ଝାଳ ଓ ପରିସ୍ରା ଦ୍ୱାରା ବାହାର କରିବାରେ ସାହାଯ୍ୟ କରେ ଏବଂ ଶରୀରର ତାପମାତ୍ରାକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରେ। ତେଣୁ ଅତିକମ୍‌ରେ ଦିନକୁ ୩-୪ ଲିଟର ପାଣି ପିଇବା ଆବଶ୍ୟକ। ବିଶେଷକରି ପୂଜା ଦିନମାନଙ୍କରେ ଖାଉଥିବା ଖାଦ୍ୟ ଭଲ ଭାବେ ହଜମ ହେବାଲାଗି ଏହାଠୁ ଅଧିକ ପାଣି ପିଇପାରିଲେ ଭଲ।

- ପ୍ରୋବାୟୋଟିକ୍ ଖାଇବା ଲାଭଦାୟକ: ଖାଦ୍ୟଦ୍ୱାରା ଶରୀରକୁ ଯାଉଥିବା କୌଣସି ବିଷାକ୍ତ ପଦାର୍ଥକୁ ଦୂର କରିବା ଲାଗି ଖାଦ୍ୟ ତାଲିକାରେ ପ୍ରୋବାୟୋଟିକ୍ ସାମିଲ କରନ୍ତୁ। ଦହିରେ ଅଧିକ ମାତ୍ରାରେ ପ୍ରୋବାୟୋଟିକ୍ ରହିଛି। ଏହା ଏକପ୍ରକାରର ଫାଇବର୍, ଯାହାକୁ ଖାଇବା ଦ୍ୱାରା ହଜମକ୍ରିୟା ଠିକ୍ ଭାବେ ହୋଇଥାଏ। ଏହା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରୁଥିବା ବ୍ୟାକ୍ଟେରିଆଙ୍କୁ ସୁରକ୍ଷିତ ରଖିଥାଏ।

- ପରିବା ଜୁସ୍: ଶରୀରକୁ ଡିଟକ୍ସ କରିବା ଲାଗି ବିଭିନ୍ନ ପରିବା ଜୁସ୍ ପିଇବା ବେଶ୍ ଉପକାରୀ। ଏଥିପାଇଁ ଲାଉ, କାକୁଡ଼ି, ଅଦା, ଲେମ୍ବୁ, ଗାଜର, ବିଟ୍, ପାଳଙ୍ଗ ଆଦିର ଜୁସ୍ ପିଇପାରିବେ। ଏହା ଶରୀରକୁ ପୋଷକତତ୍ତ୍ୱ ଯୋଗାଇ ଦେବା ସହ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

- କମାନ୍ତୁ ଲୁଣ: ଆବଶ୍ୟକତାଠାରୁ ଅଧିକ ଲୁଣ ଖାଇବା ଠିକ୍ ନୁହେଁ। କାରଣ ଏହା ରକ୍ତଚାପ ବଢ଼ାଇବା ସହ ଶରୀରରେ ପାଣି ଜମା କରିଥାଏ। ଏହାଦ୍ୱାରା ଲିଭର୍ ଓ କିଡ୍?ନୀ ସମସ୍ୟା ଉପୁଜିପାରେ। ପୂଜା ପର୍ବ ସମୟରେ ହେଉଥିବା ଛଣାଛଣି କିମ୍ବା ଅନ୍ୟାନ୍ୟ ଖାଦ୍ୟରେ ଶରୀରକୁ ଅଧିକ ଲୁଣ ଯାଇଥାଏ। ତେଣୁ ପରେ ଶରୀରକୁ ଡିଟକ୍ସ କରିବା ଲାଗି ଖାଦ୍ୟରେ ଲୁଣମାତ୍ରା କମ୍ କରିବା ସହ ଅଧିକ ପାଣି ପିଇବା ଆବଶ୍ୟକ।

- ବ୍ୟାୟାମ ଗୁରୁତ୍ୱପୂର୍ଣ୍ଣ: ପ୍ରତିଦିନ ବ୍ୟାୟାମ କରିବା ଦ୍ୱାରା ଶରୀର ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା ପାଇଥାଏ। ଏହା ରକ୍ତ ସଞ୍ଚାଳନ ଠିକ୍ ଭାବେ କରାଇବା ସହ ଶରୀରରେ ଥିବା ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ।

News Desk- Mob : 94374-04455, 0674- 2597909, Contact Address : VIC-12/1, Unit-1, Bapuji Nagar, Bhubaneswar.
Advt.,Circulation & Sales - 94398- 30788, E- mail ID : amarajdhani@gmail.com,

Printed, Published, Owned & Edited by Sri Rabi Das, Published from VIC-12/1, Unit-1, Bhubaneswar-751009, Orissa and
Editor : Rabi Das
Printed at Mallhar Publications, D-1/1, Mancheswar I.E. Bhubaneswar-751010.
ସମ୍ପାଦକ - ରବି ଦାସ